ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ମାସିକ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ଜାନୁଆରୀ ୨୦୧୫ ସଂସ୍କରଣ



## ଅସୀମ ବନ୍ଧନ

ବୃଦ୍ଧାଶ୍ରମ ନାହିଁ

ଘରୋଇ ମସଲା

ବୃଦ୍ଧ ଭିକ୍ଷୁକ

ପ୍ରତାରଣା

ବଞ୍ଚିବାର ପ୍ରୟାସ

ପିକେ ? ହେ କ୍ୟା ??

ଦଶମ ବର୍ଷ, ପ୍ରଥମସଂଖ୍ୟା
ଜାନୁଆରୀ ୨୦୧୫

www.aahwaan.com

# ଆହ୍ୱାନ

ଓଡ଼ିଶାରୁ ପ୍ରକାଶିତ ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟ ଇ-ପତ୍ରିକା

ପ୍ରତଷ୍ଠାତା - ସମ୍ପାଦକ

ଡା ଜ୍ୟୋତ ପ୍ରସାଦ ପଟ୍ଟନାୟକ

ଏମ୍.ବ.ବ.ଏସ୍., ପି.ଜ.ଡ଼ି,ଏମ୍.ସି.ଏଚ୍, ପି.ଜ.ଡ଼ି.ଏଚ୍.ଏମ୍

ବୀମା ନଗର, ଦ୍ୱତୀୟ ଗଳ, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଫୋନ୍ : ୯୦୪୦୯୮୫୪୬୩ ଇ-ମେଲ୍ : aahwaan@gmail.com

'ଆହ୍ୱାନ'ରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖାଗୁଡ଼ିକୁ ହିଁ କପିରାଇଟର ବ୍ୟବସ୍ଥାରେ ଚୟନ କରାଯାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ, ଯେତେବେଳଯାଏଁ କୌଣସି ସୂଚନା କିମ୍ବା ନିର୍ଦ୍ଦେଶ ଦିଆଯାଇନାହିଁ । ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତ ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣ ମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଏକ ଅପରାଧ । ଦୟାକରି ଏହି ବିଷୟ ପ୍ରତି ବିଶେଷ ଧ୍ୟାନ ଦେବେ । ଲେଖକମାନେ ଚାହିଁଲେ ନିଜ ଲେଖାର ପ୍ରଚାର ହେତୁ ସେମାନଙ୍କ ଲେଖା ପ୍ରକାଶିତ ହୋଇଥିବା ପୃଷ୍ଠାମାନଙ୍କ ପ୍ରତିଛବି ଗଣମାଧ୍ୟମରେ / ଇଣ୍ଟରନେଟରେ ଦେଇ ପାରିବେ ।

# ସମ୍ପାଦକୀୟ



ନମସ୍କାର,

ଆହ୍ୱାନ ଇ-ପତ୍ରିକାର ସମସ୍ତ ପାଠକ ପାଠିକା ଏବଂ ଶୁଭେଚ୍ଛୁମାନଙ୍କୁ ଇଂରାଜୀ ନବବର୍ଷର ହାର୍ଦ୍ଦିକ ଅଭିନନ୍ଦନ । ବର୍ଷ ୨୦୧୫ ଆପଣମାନଙ୍କ ଜୀବନରେ ସୁଖ, ଶାନ୍ତି, ସୌହାର୍ଦ୍ଦ୍ୟ ଆଣିଦେଉ ଏହି କାମନା କରୁଛି ।

ବର୍ଷ ୨୦୧୪ ଯାଉ ଯାଉ ଅନେକ ଦୁଃଖଦ ଘଟଣା ଆମକୁ ଦେଇଗଲା । ବିଶ୍ୱରେ ଅଶାନ୍ତି ସୃଷ୍ଟିକାରୀ ତତ୍ତ୍ୱମାନେ ସମଗ୍ର ବିଶ୍ୱକୁ ଏକ ଅସ୍ଥିରତା ଭିତରକୁ ଠେଲିଦେଲେ । ମନୁଷ୍ୟର ଅତ୍ୟନ୍ତ ଘୃଣ୍ୟରୂପ ଦେଖିବାକୁ ମିଳିଲା । ପାକିସ୍ତାନର ପେଶାୱର ସହରରେ ଏକ ସ୍କୁଲରେ ପ୍ରବେଶ କରି ଶତାଧିକ ନିରୀହ ଛାତ୍ରଙ୍କୁ ହତ୍ୟା କରି ସରକାରଙ୍କୁ ଧମକାଇବାର ଚେଷ୍ଟା କରିଗଲା । ବିଶ୍ୱ ଇତିହାସରେ ଏମିତି ଘଟଣା ବିରଳ କହିଲେ ଅତ୍ୟୁକ୍ତି ହେବନାହିଁ । ସରକାରୀ କାର୍ଯ୍ୟାନୁଷ୍ଠାନର ପ୍ରତିଶୋଧ ନେବାପାଇଁ ନିରୀହ ନିଷ୍ପାପ ଶିଶୁମାନଙ୍କୁ ନିର୍ମମ ଭାବରେ ହତ୍ୟା କରିବା ଭଳି ଦୁଷ୍କର୍ମ ବିଶ୍ୱରେ ଚହଳ ପକେଇ ଦେଇଥିଲା । ଆତଙ୍କବାଦର ଗଡ଼ଭାବରେ ପରିଚିତ ପାକିସ୍ତାନ ସ୍ୱୟଂ ଆତଙ୍କବାଦୀଙ୍କ ଦୁଷ୍କର୍ମର ଶୀକାର ହୋଇଥିଲା ଏବଂ ଏହା ପରେ ପରେ ତରବରିଆ ଭାବରେ ପାକିସ୍ତାନୀ ସରକାର ଆତଙ୍କବାଦୀଙ୍କୁ ମୃତ୍ୟୁଦଣ୍ଡ ଦେବାପାଇଁ ତତ୍ପରତା ପ୍ରକାଶ କରିଥିଲେ । ସମଗ୍ର ବିଶ୍ୱରେ ଏବଂ ବିଶେଷତଃ ଭାରତରେ ପ୍ରବେଶ କରି ସବୁବେଳେ ଅସ୍ଥିରତା ସୃଷ୍ଟିକରିବାପାଇଁ ଚେଷ୍ଟାରତ ପାକିସ୍ତାନପାଇଁ ଏହା ଏକ ଚେତାବନୀମାତ୍ର ଥିଲା । ଘରେ ସାପକୁ ଆଣି ପୋଷାମନେଇ ରଖିଲେ ସୁଦ୍ଧା ତାହା ଦିନେ ନା ଦିନେ ଘରର ସଦସ୍ୟଙ୍କୁ ଆଘାତ ପହଞ୍ଚାଇବ ଏହା ପ୍ରମାଣିତ ହୋଇଥିଲା ।

ବର୍ଷର ଶେଷମାସରେ ପୁଣି ଏକ ଉଡ଼ାଜାହାଜ ଆକାଶରୁ ଅନ୍ତର୍ଦ୍ଧ୍ୟାନ ହୋଇଗଲା । ଅନେକ ଖୋଜାଖୋଜି ପରେ ଜାଭା ସମୁଦ୍ରରେ ସେହି ଜାହାଜର ଭଗ୍ନାବଶେଷ ଏବେ ଉନ୍ମୋଚିତ ହେବାରେ

ଲାଗିଛି । ଅନେକ ମର୍ମନ୍ତୁଦ ଘଟଣା ଓ ଦୁର୍ଘଟଣା ପରେ ନବବର୍ଷର ଆଗମନରେ ସମସ୍ତେ ଉଲ୍ଲାସିତ ହୋଇଥିବା ବେଳେ ଏବେ ସଦ୍ୟପ୍ରାପ୍ତ ଖବର ଅନୁଯାୟୀ ପ୍ୟାରିସରେ ଆତଙ୍କବାଦୀ ଆକ୍ରମଣରେ ଗୋଟିଏ ଖବର କାଗଜର ମୁଖ୍ୟ ସମ୍ପାଦକ, ତିନିଜଣ କାର୍ଟୁନିଷ୍ଟ ସମେତ ମୋଟ ବାରଜଣ ନିହତ ହୋଇଛନ୍ତି । ପ୍ରେସ୍ ଓ ମିଡ଼ିଆକୁ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବରେ ବିବେଚନା କରାଯାଏ । ହେଲେ ଏହି ଘଟଣା ଫଳରେ ପ୍ରେସର ସ୍ୱାଧୀନତାକୁ ବାନ୍ଧିବାକୁ ଚେଷ୍ଟା କରାଯାଇଛି ବୋଲି ବିଶ୍ୱବ୍ୟାପୀ ଖବରକାଗଜ ମାନେ ପ୍ରତିବାଦ ଜଣାଇଛନ୍ତି । ଉଲ୍ଲେଖଯୋଗ୍ୟ ଯେ ପ୍ୟାରିସରୁ ପ୍ରକାଶିତ ଏହି ଖବର କାଗଜରେ ସମୟ ସମୟରେ ଇସଲାମ ଧର୍ମର ଅନ୍ଧବିଶ୍ୱାସକୁ ଲକ୍ଷ୍ୟକରି ବିଭିନ୍ନ ପ୍ରକାରର କାର୍ଟୁନ ଛବି ପ୍ରକାଶିତ ହୋଇ ଆସୁଥିଲା, ଏବଂ ଏଥିପାଇଁ ଅନେକଥର ଜନ ଆନ୍ଦୋଳନ ଭଳି ପରିସ୍ଥିତି ମଧ୍ୟ ଉପୁଜିଥିଲା ।

ବିଗତ ବର୍ଷ ଇରାକ, ସିରିଆ ଆଦି ଦେଶରେ ଗଢ଼ି ଉଠିଥିଲା ଏକ ରାଡ଼ିକାଳୀ ସଂଗଠନ ଆଇଏସ୍ଆଇଏସ୍ ଦ୍ୱାରା ଅନେକ ପ୍ରକାର ହିଂସାକାଣ୍ଡ କରାଯାଇ ସମଗ୍ର ମଧ୍ୟପ୍ରାଚ୍ୟରେ ଭୟର ବାତାବରଣ ସୃଷ୍ଟି କରାଯାଇଥିଲା । ଏହି ଗୋଷ୍ଠୀର ସଦସ୍ୟମାନେ ଇସଲାମ ଧର୍ମ ଆଧାରରେ ଏକ ରାଷ୍ଟ୍ର ନିର୍ମାଣ କରିବାକୁ ଚାହାନ୍ତି, ଯେଉଁଠି ଇସଲାମ୍ ଧର୍ମ ସମ୍ମତ ଶାରିଆ ଆଇନ ଲାଗୁହେବ । ଉଲ୍ଲେଖଯୋଗ୍ୟ ଯେ ଏହି ଆଇନ ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ । ଏହି ଆଇନ ଅନ୍ତର୍ଗତ ବ୍ୟକ୍ତିର ବ୍ୟକ୍ତିଗତ ଜୀବନକୁ ଅନେକାଂଶରେ ପରିଚାଳିତ କରାଯାଇପାରିବ । ମହିଳାମାନେ ଏହାଫଳରେ ନିଜର ସ୍ୱାଧୀନତା ହରାଇବେ, ଏବଂ ସମାଜରେ ମନୋରଞ୍ଜନ, ଗୀତନାଚ, ଇତ୍ୟାଦି ଉପରେ କଟକଣା ରହିବ । ଏହି ସବୁ ଆଇନ ଆଣିବାପାଇଁ ଚାହୁଁଥିବା ଲୋକମାନେ କିନ୍ତୁ ନିର୍ଭୀକ ଭାବରେ ଗୋଟିଏ ପରେ ଗୋଟିଏ ନିରୀହ ଜୀବନ ନେଇ ଚାଲିଥିଲେ । ଏମାନଙ୍କ ଦ୍ୱାରା ସଂଘଟିତ ଅନେକ ହିଂସାକାଣ୍ଡକୁ ସେମାନେ ଇଣ୍ଟରନେଟ୍ ମାଧ୍ୟମରେ ବିଶ୍ୱ ଜନତାଙ୍କୁ ଦେଖାଇ ଭୟର ବାତାବରଣ ସୃଷ୍ଟିକରିବାକୁ ଚେଷ୍ଟା କରିଛନ୍ତି ।

ଅଷ୍ଟ୍ରେଲିଆରେ ମଧ୍ୟ ଆତଙ୍କବାଦୀ ଆକ୍ରମଣରେ ନିରୀହ ଲୋକ ପ୍ରାଣ ହରାଇଥିଲା ବେଳେ ଏବେ ଆଫ୍ରିକୀୟ ଦେଶ ନାଇଜେରିଆରେ ଆତଙ୍କବାଦୀ ସଂଗଠନ ବୋକୋ ହାରାମ ନରସଂହାର ଚଳାଇଥିବା କଥା ପ୍ରକଟ ହୋଇଛି । ବିଗତ କିଛିଦିନରେ ଏହି ସଂଗଠନର ଆକ୍ରମଣ ଓ ନରସଂହାରର ଶୀକାର ହୋଇ ଅନ୍ୟୂନ ଦଶହଜାର ଲୋକ ପ୍ରାଣ ହରାଇଥିବା କଥା ଜଣାପଡ଼ିଛି । ବିଭିନ୍ନ ସହର ଓ ଗ୍ରାମାଞ୍ଚଳରେ ଏମାନେ ନିଆଁ ଲଗାଇ ଦେଇ ଲୋକଙ୍କୁ ପୋକମାଛି ପରି ମାରୁଥିବାର

ଖବର ଶୁଣିଲେ ରୋମ ଟାଙ୍କୁର ଉଠୁଛି । ବିଶ୍ୱର ଅବସ୍ଥା ଏବେ କଣ ତାହା ଆଉ କାହାକୁ କହିବାକୁ ଭଲ ଲାଗୁନାହିଁ ।

ଆମ ଦେଶ ଭାରତରେ ମଧ୍ୟ ସମୁଦ୍ର ପଥରେ ହିଂସାସୃଷ୍ଟିକାରୀ ତତ୍ତ୍ୱମାନଙ୍କୁ ଭାରତ ଭିତରକୁ ପ୍ରବେଶ କରାଇଦେବାପାଇଁ ପ୍ରଚେଷ୍ଟା ଚାଲିଛି । ଏହିପ୍ରକାରର ଏକ ଘଟଣାରେ ଭାରତୀୟ ତଟରକ୍ଷୀ ବାହିନୀର ତ୍ୱରିତ କାର୍ଯ୍ୟାନୁଷ୍ଠାନ ଫଳରେ ପାକିସ୍ତାନ ପଟରୁ ଆସୁଥିବା ଏକ ନଉକାକୁ ଅଟକାଇ ଦିଆଯାଇ ପାରିଛି, ସେଇ ନୌକାରେ ବସିଥିବା ଚାରିଜଣ ଆତଙ୍କବାଦୀ ଆଉ କୌଣସି ଉପାୟ ନ ପାଇ ନିଜେ ନିଜେ ନୌକାରେ ବିସ୍ଫୋରଣ କରି ଆତ୍ମହତ୍ୟା କରିଥିବା ଜଣାପଡ଼ିଛି । ସମଗ୍ର ବିଶ୍ୱ ବର୍ତ୍ତମାନ ହିଂସା ପ୍ରପୀଡ଼ିତ କହିଲେ ଅତ୍ୟୁକ୍ତି ହେବ ନାହିଁ, ଏହି ସମୟରେ ଆମେ ଅନ୍ତତଃ ପରମାତ୍ମାଙ୍କୁ ପ୍ରାର୍ଥନା କରି ଧନ୍ୟବାଦ ଦେବା ଉଚିତ ଯେ ଆମେ ଭାରତପରି ଏକ ଶାନ୍ତିପ୍ରିୟ ରାଷ୍ଟ୍ରରେ ଜନ୍ମ ନେଇଛେ ।

ପ୍ରାର୍ଥନା କରୁଛି ଯେ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ହେଉ, ଅଶାନ୍ତି ଓ ହିଂସାର ଢେଉ ବନ୍ଦହେଉ । ଭଗବାନ ସମସ୍ତଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ । ଆଉ ଆହ୍ୱାନର ପ୍ରିୟ ପାଠକ ପାଠିକା ମାନଙ୍କ ପାଇଁ ଉପସ୍ଥାପନ କରୁଛି ଚଳିତ ମାସର ଆହ୍ୱାନ ।

ଧନ୍ୟବାଦ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା - ସମ୍ପାଦକ

# ଚଳିତ ସଂସ୍କରଣରେ...


ସମ୍ପାଦକୀୟ ୪

ପ୍ରଭୁ ୮
ଶ୍ରୀ ନୃସିଂହଚରଣ ନାୟକ

ଆସ ବୁଲିଯିବା ସୁନାପୁର ୧୦
ପ୍ରଶାନ୍ତ କୁମାର ଭୂୟାଁ

ଅସୀମ ବନ୍ଧନ ୧୬
ଶ୍ରୀମତି ସରିତା ପଣ୍ଡା

ଭୁଲ ହେବନି ୨୧
ଅନୁପମ ବେହେରା

ସ୍ୱପ୍ନଦେଇ ଯାତ୍ରା ୨୨
ସୁଶ୍ରୀ ଜୟନ୍ତୀ ପଣ୍ଡା

ତୁମ ହାତର ବାସ୍ନା ୨୭
ଦେବାଶିଷ ସାମଲ

କୁନି କୁନି ପିଲାଙ୍କ ପାଇଁ ୩୦
ରାହୁଲ ପଣ୍ଡା

ବିବର୍ତ୍ତନ ୩୩
ପ୍ରକାଶ ରଞ୍ଜନ ପରିଡ଼ା

ବୃଦ୍ଧାଶ୍ରମରେ ସ୍ଥାନ ନାହିଁ ! ୩୫
ବାଲ୍ମୀକି ନାୟକ

ଘରେଇ ମସଲା ୩୯
କୁନି ମିଶ୍ର

ବୃଦ୍ଧ ଭିକ୍ଷୁକ ୪୩
ପ୍ରଶାନ୍ତ କୁମାର ନାଥ

ଚିଠି ୪୫
ବସନ୍ତ କୁମାର ପାଣିଗ୍ରାହୀ

ସନ୍ଧ୍ୟା ଭବନା ୪୬
ସଂଗ୍ରାମ ମହାନ୍ତି


ବଞ୍ଚିବାର ପ୍ରୟାସ ୪୯
ନୀଳିମା ନିବେଦିତା ବେହେରା

ଗୁରୁ ସନ୍ଦେଶ ୫୧
ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପିକେ !!! ହୈ କ୍ୟା ?? ୫୨
ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ପ୍ରଭୁ

ଶ୍ରୀଯୁକ୍ତ ନୃସିଂହଚରଣ ନାୟକ



ହରେ ରାମ କୃଷ୍ଣ ଭଜରେ ମନତୁ ହରେ ରାମ କୃଷ୍ଣ ।
ଭବ ସାଗରରୁ ପାର ହୋଇଯିବା ନରହିବ ଦୁଃଖ କଷ୍ଟ ॥

କାମ କରୁଥିବା ବାଟ ଚାଲୁଥିବା ଭଜୁଥିବା ହରେ ରାମ ।
ପ୍ରଭୁ ଦୟାମୟ କରୁଣା ବାରିଧି ପୂର୍ଣ୍ଣ କରିବେ କି ମନସ୍କାମ ॥

ସକଳ ଘଟରେ ଦୟାଭାବ ରଖି ପ୍ରତ୍ୟହ କାମ କରିବା ।
ନିଜ ଭାଇପରି ଜଗତବାସୀଙ୍କୁ ସ୍ନେହ ଆଦର କରିବା ॥

ଜଗତ କରତା ପ୍ରଭୁ ଦୟାମୟ ସୃଷ୍ଟି ସର୍ଜନା କରିଲେ ।
ତରୁ ତୃଣ କୀଟ ପଶୁପକ୍ଷୀ ସମସ୍ତଙ୍କ ହୃଦରେ ରହିଲେ ॥

ସକଳ ଘଟେ ପ୍ରଭୁ ନାରାୟଣ ଏଭାବ ହୃଦୟେ ଧର ।
ଜଗତବାସୀଙ୍କୁ ସ୍ନେହ କରୁଥିବା ସ୍ନେହଭାବରେ ଆଦର ॥

ଏକ ଭାବ ଧରି କାମ କରୁଥିଲେ ଭବ ବାରିଧିରୁ ତରିବା ।
ତ୍ୟାଗ ଓ ଅହିଂସା ନୀତି ଆଚରି କର୍ତ୍ତବ୍ୟ କର୍ମ କରିବା ॥

କର୍ମଫଳ ବଡ଼ ବଳବାନ ଅଟେ ନ ହୁଅଇ ତାହା କ୍ଷୟ ।
ସତ୍ୟ ଧର୍ମ ନ୍ୟାୟ ମାର୍ଗରେ ରହଣ କର୍ତ୍ତବ୍ୟ ପଥରେ ରୁହ ॥

ଏହ କଥା ଭବ ସଦା ସରବଦା ସତ୍ କର୍ମ କରୁଥାଅ ।
ସତ୍ୟ ପରଂବ୍ରହ୍ମ ଆମ ହୃଦପଦ୍ମେ ସଦା ହେ ଜାଗ୍ରତ ଥାଅ ॥

ହୃଦେ ଦବ୍ୟଜ୍ଞାନ ପ୍ରଭୁ ଭଗବାନ ପାଦପଦ୍ମେ ଚନ୍ତା କଲେ ।
କୋଟି ଜନ୍ମାନ୍ତର କର୍ମଫଳମାନ କ୍ଷୟ ହୁଏଟି ଅଚରେ ॥

ଏହ ଭବ ଧର କାମ କରୁଥିବା ପ୍ରଭୁଙ୍କୁ ହୃଦେ ସୁମର ।
ପ୍ରଭୁ ଦୟାମୟ ସର୍ବ ଅନ୍ତର୍ଯ୍ୟାମୀ ଦୁଃଖ ହରବେ ଆମର ॥

ଅବସରପ୍ରାପ୍ତ ଶିକ୍ଷକ
ବ.ଏ.ବ.ଏଡ୍. ମୂଳବସନ୍ତ, କଟକ

# ସୁନାପୁର ସମୁଦ୍ରବେଳା ଭ୍ରମଣ...

ପ୍ରଶାନ୍ତ କୁମାର ଭୂୟାଁ



ଓଡ଼ିଶାକୁ ଯେତେବେଳେ ଯାଇଥିଲି, ଅନେକ ସହୃଦୟ ବନ୍ଧୁ ଅତି ଆଦରର ସହ ମୋତେ ସେନେହ ସରାଗ ଦେଇ ପାଖ୍ରେଟି ନେଇଥିଲେ । ଏଇ ବନ୍ଧୁମାନେ ଈର୍ଷ୍ୟା-କପଟ-ଛନ୍ଦରୁ କୋଶେ ଦୂରରେ ରହି ମୋ ବନ୍ଧୁତ୍ୱକୁ ତାଙ୍କ ଆତ୍ମୀୟତାର ଡୋରରେ ବାନ୍ଧି ନେଇଥିଲେ । ଏଇ ଆତ୍ମୀୟତା ମୋ ପାଇଁ ଅତି ସୁଖଦାୟୀ ଥିଲା; ସେ ସମୟରେ ମୋର ଦୁଃଖକୁ ଲାଘବ କରିବା ନିମନ୍ତେ । ଏଇ ବନ୍ଧୁମାନଙ୍କ ଭିତରୁ ପ୍ରଥମ ଥିଲେ; ଆମ ଜ୍ୟୋତି ଭାଇ ।

ଯଦିଓ ଫେସବୁକରୁ ପରିଚୟ ଆରମ୍ଭ ହୋଇଥିଲା ତଥାପି ସେ ଆଜଯାଏଁ ସେଇ ବନ୍ଧୁତ୍ୱର ଡୋରୀକୁ ସେଇମିତି ସଜାଡ଼ି ଏକ ପ୍ରକୃତ ବନ୍ଧୁର ପରିଚୟ ଦେଇଛନ୍ତି । ସେ ଅନ୍ୟ କାହା ପାଇଁ କ'ଣ ହୁଅନ୍ତୁ ହେଲେ ମୋ ପାଇଁ ଜଣେ ଭାଇ ପରି ଯିଏକି ସମୟ ଅସମୟରେ ଦୁଃଖସୁଖ ପଚାରି ବୁଝନ୍ତି ଆଉ ମୋର ସାହିତ୍ୟ ଅଭିଯାନରେ ସେ ଜଣେ ଉତ୍ତମ ସାଥୀ । ନହେଲେ ଆଜିକାଲି ଫେସବୁକରେ ଅସଲ ମୁହଁ କାହାର ଦେଖାଯାଉଛି ନା ଅସଲ ଲୁହର ଧାର କିଏ ପୋଛି ପାରୁଛି । ସମସ୍ତେ ଖାଲି ପ୍ରଚ୍ଛଦ ଛବିରେ ହିଁ ଅତି କମନୀୟ ନହେଲେ ନେପଥ୍ୟରେ... ଆପଣଙ୍କ ପାଦତଳୁ ଧରଣୀ ଲୁଚିଯିବ । ତଥାପି ଫେସବୁକ ହିଁ ମୋତେ ଆଜି ଅନେକ ସହୃଦୟ ଅମାୟିକ ଭଦ୍ରବ୍ୟକ୍ତିଙ୍କ ସହ ମିଳିମିଶିବାର ଏକ ସାମାଜିକ ମଞ୍ଚ ହୋଇ ରହିଛି । ନଈ ବାଲି ସରିଯିବ ଏଇମନ୍ତେ ହେଲେ ଏଇ କଥା ସରିବନି ଏଣୁ ଆସନ୍ତୁ ସୋନପୁର ଯିବା ।


ସେଦିନ ଜ୍ୟୋତି ଭାଇ ସକାଳୁ ଆସି ମୋ ଭଉଣୀଙ୍କ ଘରୁ ମୋତେ ନିଜର ଫଟଫଟିଆରେ ବସାଇ ନେଲେ । ତା'ପରେ ପେଟପୁରା ଜଳଖିଆ ଆଉ ସେଇ ଜରିମୁଣାର ପାଣି ମୋତେ ପୁଣି ୮ବର୍ଷ



ତଳକୁ ଫେରାଇ ନେଇଥିଲା । ମୁଖ୍ୟ ରାଜପଥ ଦେଇ ଆମେ ଆଗେଇ ଚାଲିଲୁ ଆନ୍ଧ୍ରପ୍ରଦେଶ ଆଡ଼କୁ । ରାସ୍ତାରେ ଅନେକ କଥା ହେଲୁ । କିଛି ନୂଆ କଥା ଜାଣିଲି, କିଛି ବ୍ୟଥା ବ୍ରହ୍ମପୁରର ଶୁଣିଲି, କିଛି କୁହାଅକୁହା ଆଲୋଚନା ମଧ୍ୟ ହେଲା । ତାପରେ ସିଦ୍ଧ ଭୈରବୀ ମନ୍ଦିରକୁ ଯିବାକୁ ସେ ପ୍ରସ୍ତାବ ଦେଲେ ହେଲେ କିଛି ସଂସ୍କାରଗତ ନୀତି ନିୟମ ହେତୁ ଆଉ ସେପଟକୁ ଯାଇ ହେଲା ନାହିଁ ଅଗତ୍ୟା ସୋନପୁର ସମୁଦ୍ରକୂଳକୁ ଯିବା ସ୍ଥିର ହେଲା ।

କଲେଜ ପଢ଼ିବା ଦିନରୁ ସେଠାକୁ ଯିବାକୁ କେତେଥର ଚାହିଁଛି ହେଲେ ସୁଯୋଗ ମିଳିନଥିଲା । ଏବେ ବୁଝିଲି କାହିଁକି ହୋଇନଥିଲା । ଆମ ଫଟଫଟିଆ ରାଜପଥରୁ ମୁହାଁଇଲା ବାମକୁ; ସୋନପୁର ଆଡ଼କୁ । ରାସ୍ତା ସାରା ଧାନବିଲ ସବୁ ଭର୍ତ୍ତି । ଏ ସନ ଭଲ ଫସଲ ହୋଇଛି ଏଣୁ ସବୁ କୃଷକ ଆଉ ମୂଲିଆଙ୍କ ମୁହଁରେ ଖୁସି ଝଟକୁଥିଲା । ହେଲେ ପନିପରିବାର ଦରଦାମ ଏମାନଙ୍କର ଅଣ୍ଟା ଭାଙ୍ଗି ଦେଇଛି । ଆଉ ସରକାରଙ୍କ ଦୁଇଟଙ୍କିଆ ଚାଉଳ କେତେଜଣଙ୍କୁ ଅଳସୁଆ ମଧ୍ୟ କରି ଦେଇଛି । ଧାନ ବିଲ ମଝିରେ ବଗଟିଏ ଅଳସ ମେଣ୍ଟୋଉଥିଲା । କାହିଁ କେତେ ସକାଳୁ ସେ ମାଛଖିଆରେ ଲାଗିଯାଇଛି । ଏଇ ଅଞ୍ଚଳ ସାରା ପାଣିର ଅଭାବ ନାହିଁ ।

ରାସ୍ତାକଡ଼ରେ କପୋତଟିଏ ଦେଖିଲେ ଜ୍ୟୋତିଭାଇ; କହିଲେ ଭାଇ ଚିତ୍ରୋତ୍ତଳନ କରାଯାଉ । ଅଗତ୍ୟା ଗାଡ଼ିରେ ବସି କପୋତଟିର ଛବି ନେଲି । ଯେତେବେଳେ କପୋତକୁ ଦେଖେ ଏମାନଙ୍କ



ହରୀହତା ମୋତେ ଆକୃଷ୍ଟ କରେ ଏଇମାନଙ୍କ ଆଡ଼କୁ । ମନୁଷ୍ୟ ଛଡା ଅନ୍ୟ ସବୁ ଜୀବଜନ୍ତୁଙ୍କର ବ୍ୟବହାରିକ ଚଳନରେ କିଛି ଫରକ ଦେଖିନ କେବେ ।

ଆଗକୁ କିଛି ବାଟ ଗଲାପରେ ଗୋଟିଏ ବିଲକଡ଼ରେ ଗାଡ଼ି ରଖିଲୁ । କେତେ ରଙ୍ଗବେରଙ୍ଗର ପକ୍ଷୀ ସବୁ । ପେଶାରେ ଜଣେ ଡାକ୍ତର ହେଲେ ମଧ୍ୟ ଜ୍ୟୋତିଭାଇ ଅନେକ ବିଦ୍ୟାରେ ଧୁରନ୍ଧର । ମୋତେ ଇସାରାରେ ସବୁ ପକ୍ଷୀମାନଙ୍କର ଓଡ଼ିଆ ନାମ, ଇଂରାଜୀ ନାମ ଆଉ କିଛି ଆବଶ୍ୟକୀୟ ବିବରଣୀ ଦେଇ ଚାଲିଥାନ୍ତି । ମୋତେ ବି ଖୁସି ଲାଗୁଥାଏ । ଦେଶୀ ପକ୍ଷୀ ଆଉ ବିଦେଶୀ ପକ୍ଷୀରେ ଏଇ ପ୍ରାନ୍ତର ଭର୍ତ୍ତି । ହଁ ଆମ ପାଇଁ ଏଇ ସବୁ ଦେଶ ବିଦେଶର ସୀମା ସରହଦ ହେଲେ ପକ୍ଷୀମାନଙ୍କ ପାଇଁ ବସୁଧୈବ କୁଟୁମ୍ବକମ୍‌ହିଁ ସାରାଂଶ ।



ଏଣେ ସୁନ୍ଦର ସବୁଜ କ୍ଷେତବାଡ଼ି ତେଣେ ବିଧାତାର ସୃଷ୍ଟିର ଆଳଙ୍କାରିକ ପ୍ରାଣୀ ସମୂହ । ପରିବେଶ ବେଶ୍‌ଜୀବନ୍ତ ଥିଲା । ମୃଦୁମନ୍ଦ ସମୀରଣ ଆହୁରି ସେଇ ପରିବେଶକୁ ଅମୃତମୟ କରିଦେଉଥାଏ । ସେଇ ମଉଜରେ ବିଲ ହିଡ଼ରେ ହଗାମୁତାକୁ ଆମର ଖାତିର ନଥାଏ । କଜଳପାତି ଦମ୍ପତି ଗୋଡ଼ାଗୋଡ଼ି ଖେଳୁଥାନ୍ତି । କଜଳପାତି ଦେଖିଲେ ମନେ ପଡ଼େ ଗାଁ ଗହଳର ଶ୍ଳେଷୋକ୍ତି...କଜଳପାତିଆ ଭଦ୍ରଲୋକ ।

ଖୋଲା ପ୍ରାନ୍ତର କେଉଁଠି ଜଳପୂର୍ଣ୍ଣ ତ କେଉଁଠି ସନ୍ତସନ୍ତିଆ । କେଉଁଠି କିଆବଣ ତ କେଉଁଠି ପୋକଶୁଂଘା ଗଛର ପ୍ରାଦୁର୍ଭାବ । ହେଲେବି ସବୁ ସବୁଜ, ସବୁ ଜୀବନ୍ତ । କେଉଁଠି ପ୍ରଜାପତିଟିଏ କଣ୍ଟାଡାଳରେ ବସି ଡେଣା ଝାଡୁଛି ତ କେଉଁଠି ହିଡ଼ ମଝିରେ ପକ୍ଷୀଟିଏ ବସି ଥକା ମାରୁଛି । କେଉଁଠି ଦଳଦଳ ହୋଇ ପକ୍ଷୀସମୂହ ଉଡୁଛନ୍ତି ତ କେଉଁଠି ଯୁଗ୍ମଭାବେ ଖାଦ୍ୟର ଅନ୍ୱେଷଣ କରୁଛନ୍ତି । ବିଲ

ହିଡ଼ରେ କଣ୍ଟାବାଇଗଣ ଗଛଟିଏ ଫୁଲ ଫୁଟେଇ ନିଜର ଉପସ୍ଥିତ ଜାହିର୍ କରୁଛି । ଆଉ କେତେଦିନ ପରେ ବାଇଗଣ ଧରି ବସିଥିବ ।



ଏଇମନ୍ତେ ବୁଲିବୁଲି କରି ପହଞ୍ଚିଲୁ ଜେଟି ପାଖରେ । ଡଙ୍ଗାରେ ପଇସା ଦେଇ ଆରପାରି ଯିବାକୁ ପଡ଼ିବ । ତାପରେ କିଛି ଚାଲିବାଟ ଆଉ ତାପରେ ବିଶାଳ ସମୁଦ୍ର । ଜ୍ୟୋତି ଭାଇ କହୁଥିଲେ । କିଛି ସମୟ ଜଗିବା ପରେ ଦେଖିଲୁ ଦୁଇଟି ଡଙ୍ଗା ଭର୍ତ୍ତି ହୋଇ ଆସୁଛନ୍ତି ଆମରି ଆଡ଼କୁ ସେପଟର ଲୋକମାନଙ୍କୁ ନେଇ । ଏଇ ଡଙ୍ଗା ଉପରେ ଏଇ ଅଞ୍ଚଳର ଲୋକ ନିର୍ଭର କରି ବଞ୍ଚନ୍ତି । ଡଙ୍ଗା ପହଞ୍ଚିଲା ଆମେ ବସିଲୁ ତା'ଭିତରେ । ଯଦିଓ ସାଜସରଞ୍ଜାମ କିଛି ନଥିଲା ଡଙ୍ଗାରେ ହେଲେ ୨୦ଟଙ୍କା ଦେଇ ସେପଟକୁ ଯାଇ ଆସିବା ପାଇଁ ତାହାହିଁ ଏକମାତ୍ର ଭରସା ଥିଲା । ନାଆର ଚାଳକଙ୍କ ଭରସାରେ ବୀମାହୀନ ହୋଇ ତାଙ୍କ ହାତରେ ଭରସାକୁ ଟେକି ଦେଇ ବସିଲୁ । ସାଙ୍ଗରେ ଅନେକ ଯାତ୍ରୀ । ଜାତି ବର୍ଣ୍ଣ ଧର୍ମ ନିର୍ବିଶେଷରେ ସଭିଏଁ ସେଇପାରିକୁ ଯାତ୍ରା କରୁଥିଲୁ । ପହଞ୍ଚିଲୁ ଆରପାରିରେ ସୁରକ୍ଷିତ ହୋଇ । ନାଉରୀଆଙ୍କୁ ଧନ୍ୟବାଦ ଦେଲି ।

ସେଇଠୁ ଆରମ୍ଭ ହେଲା ଚାଲି ସମୁଦ୍ର ଆଡ଼କୁ । ରାସ୍ତାକଡ଼ରେ ଅନେକ ଫୁଲ ସବୁ ପସରା ମେଲାଇ ବସିଥିଲେ । ରାସ୍ତାର ଉଭୟ କଡ଼ରେ ଝାଉଁବଣ । କାଜୁବାଦାମ ଗଛ କେଉଁଠି କେଉଁଠି ଠିଆ ହୋଇଛନ୍ତି, କୋକାକୋଲା ଟିଣ, କିନ୍‌ଲେ ପାଣି ବୋତଲ ଆଉ ଗଣ୍ଡେ ଅସନା ଜରି ସବୁକୁ ନେଇ । ବଣଭୋଜିକୁ ଆସୁଥିବା ମନୋରଞ୍ଜନକାରୀଙ୍କ ଦୟା ଏସବୁ ।



କିଛିବାଟ ଚାଲିଲା ପରେ ପହଞ୍ଚିଲୁ ସମୁଦ୍ର କୂଳରେ ସୁନ୍ଦର, ପରିଷ୍କାର ଆଉ ନିର୍ମଳ ସମୁଦ୍ର । ଧୂସର ବେଳାଭୂମି ନେଇ ଆଉ କୂଳରେ କିଛି ନଣ୍ଡା ଗଛ ନେଇ ବସିଛି ସେ । ଗୋଟେପଟେ ନାଆ, ଖୁଣ୍ଟି କେତେଟା ଆଉ ଆରପଟେ ସେଇ ଏକାଭଳି ଦିଶୁଥିବା ବେଳାଭୂମିକୁ





ଦେଖିଲ ମନପୁରଇ । ସମୁଦ୍ର ସେପଟେ ଡାକୁଥିଲା, ଆ ପଳେଇଆ...ମୋ ସହ ଖେଳେ । ସେଇଠି ବସିଲୁ, ବୁଲିଲୁ, ଖେଳିଲୁ ଆଉ ପିଲାଦିନ ପରି ବାଲିରେ ନାଁ ଲେଖିଲ । ସବୁ ସ୍ମୃତିକୁ ଉଠେଇ ବସେଇଲି ସେଇ ବେଳାଭୂମିରେ। ଜ୍ୟୋତି ଭାଇ ଅନେକ ଭଲ ଛବି ଉଠେଇଲେ ମୋର । ପୂରା ଅଙ୍ଗଭଙ୍ଗୀ ଆଉ ବିଭିନ୍ନ ଠାଣୀରେ କେତେ ଢଙ୍ଗର ଛବି ଉଠାଗଲା । ସେ ଜଣେ ଭଲ ଛବି ଉତ୍ତୋଳନକର୍ତ୍ତା । ଅନେକ ଧନ୍ୟବାଦ ଦେଲି ତାଙ୍କୁ; ତାଙ୍କରି ପାଇଁ ତ ଏଇ ସୋନପୁର ଦର୍ଶନ ହେଲା ।

କେତେଜଣ ପିଲା ନିକଟରେ କ୍ରିକେଟ୍‌ଖେଳରେ ବ୍ୟସ୍ତଥିଲେ । ତାଙ୍କ ସହ କ୍ରିକେଟ୍ ଖେଳିଲି । ଗାଁ କ୍ରିକେଟ୍‌ର ଅଲ୍‌ରାଉଣ୍ଡର୍ ଥିଲି । ହେଲେ ଅସଲରେ ମୋର ଗୋଟିଏ ଦୁର୍ବଳତା ଥିଲା; ଏଣୁ ଜାତୀୟ ଦଳରେ ସାମିଲ୍ ହୋଇ ପାରିନଥିଲି ।  ସଚିନ ମୋର ରାସ୍ତା ପୂରା ବନ୍ଦ କରିଦେଇଥିଲେ । ନୋ ସଚିନ୍...ନୋ କ୍ରିକେଟର କଥା ସେତେବେଳେ ଥିଲା । ଏଇମିତି ମଜାର କହୁଛି ମ...ମୁଁ କେଉଁଠି ଆଉ ସଚିନ୍ କେଉଁଠି । କାହିଁ ରାଣୀ କାହିଁ ଚନ୍ଦ୍ରକାଣୀ । ହେଲେ..ଏଇ କଥା ସଚିନ୍‌ଙ୍କୁ ମିଶିଲେ ନିଶ୍ଚୟ କହିବି...କଥା ରହିଲା । ଆଉ ସିଏ କଣ କହିଲେ ଆପଣଙ୍କୁ କହିବି । ଏବେ ଶୁଣନ୍ତୁ ମୋର ଦୁର୍ବଳତା । କପିଳ ଦେବଙ୍କୁ ଦେଖି ଦେଖି ମୁଁ କ୍ରିଜ୍ ମଝିରେ ଧାଇଁବାକୁ ଭଲ ପାଉନଥିଲି ଏକ ଦୁଇ ରନ୍‌ପାଇଁ । ସିଧା ଚୌକା ନହେଲେ ଛକା ହିଁ ମୋର ମନମତାଣିଆ ସଟ୍... ! ଏଇ କଥାକୁ ଯେଉଁ ବୋଲର୍ ଜାଣିଦେଲା ସିଏ ତ ମୋତେ ସେଇକ୍ଷଣି ଆଉଟ୍ କରିଦେଉଥିଲା । ଦୁଇତିନିଟି ହାଲକା ସଟ୍ ଦେଇ ତା'ପର ବଲ୍ ସେମାନେ





ଯେତେବେଳେ ଲାଇନ୍‌ରେ ପକେଇ ଦଅନ୍ତ ମୁଁ ତ ସିଧା ବୋଲ୍ଡ଼ ହିଁ ହୁଏ । ମୋର ଯଦ କ୍ରକେଟ ଖେଳର ଇତହାସ ଆଉଡ଼େଇବେ ଦେଖିବେ ବୋଲ୍ଡ ଆଉ ଅନ୍ୟ ଆଉଟ୍‌ର ଅନୁପାତ ୯୫:୫ ହେବ । ସେ ଯାହା ହେଉ ସେଇଠି କଛି ବ୍ୟାଟିଙ୍ଗ, ବୋଲଙ୍ଗ ଆଉ ଫିଲ୍ଡିଙ୍ଗ କର ଫେର ଆସିଲୁ ବ୍ରହ୍ମପୁର ।

ହଁ ଜ୍ୟୋତ ଭାଇ କହୁଥିଲେ, ଚଲକା ଯିବାକୁ । ଆଉ ସମ୍ଭାଳୁଛ କଏ; ମୁଁ ତ ହଁ ଭରଲ । ଆଉ ସେଇଠି ଯାହା ହେଲା ପୁଣି ପରଥରକୁ କହବ ।

ଏବେ... ଚାଲନ୍ତୁ ଅନ୍ୟ କାମରେ ଲାଗିବା । ଜୟ ହେଉ ଜ୍ୟୋତ ଭାଇଙ୍କର... ! ! !

-ପ୍ରଭୁ

# ଅସୀମ ବନ୍ଧନ

ଶ୍ରୀମତ ସରତା ପଣ୍ଡା



ପୂର୍ବ ପ୍ରକାଶିତ ଉତ୍ତାରୁ...

ଆଦତ୍ୟଙ୍କୁ ଖଟରେ ଶୁଆଇ ଦେବାପରେ ଅଶ୍ରୁପୂର୍ଣ୍ଣ ନୟନରେ କଳ୍ପନା ଦେଖେ ସାବତ୍ରୀ ଆଡ଼କୁ । ସେ କଛ କହବା ପୂର୍ବରୁ ସାବତ୍ରୀ କହଦଏ, ଏହା ଏଠି ନତଦନଆ ଘଟଣା, ଯେତେ ଶୀଘ୍ର ଦେହସୁହା କରଦେବ ଭଲ । ବାବୁଙ୍କ ଏ ଅଭ୍ୟାସ ଅନ୍ତତଃ ଏ ଜନ୍ମରେ ତ ବଦଳବ ବୋଲ କୌଣସି ବଶ୍ୱାସ ନାହିଁ ।

ଦନେ ସନ୍ଧ୍ୟାରେ ଆଦତ୍ୟ ଶୀଘ୍ର ଫେର ଆସନ୍ତ ଅଫିସରୁ । କଳ୍ପନା ନଜ ଆଖି ଉପରେ ବଶ୍ୱାସ କରପାରେ ନାହିଁ । ବେଡ଼ରୁମରେ ପଶିବା ପରେ ପରେ ଖଟଉପରେ ଏକ ପ୍ୟାକେଟ ଫୋପାଡ଼ିଦେଇ କହନ୍ତ ଆଦତ୍ୟ, 'ଏଥିରେ ତୁମ ପାଇଁ ନୂଆ ପୋଷାକ ଆଣିଛ, ଶୀଘ୍ର ପିନ୍ଧି ବାହାରପଡ଼ । ଆଜ କ୍ଲବରେ ପ୍ରୋଗ୍ରାମ୍ ଅଛ ଆଉ ସେଠି ଡିନର୍ କର ଫେରବା ।' ପ୍ୟାକେଟ୍ ଭତରେ ଜନ୍ ପ୍ୟାଣ୍ଟ୍ ଆଉ ଟପ୍ ଦେଖି କଳ୍ପନା ଶଙ୍କିଯାଏ । ଜୀବନରେ ସେ କେବେ ଏ ପୋଷାକ ପିନ୍ଧିନାହିଁ । କେମିତ ପିନ୍ଧିବ ? ତା'ପୁଣି ବବାହ ପରେ ଏ ସବୁ କଣ ଶୋଭି ଦେଖାଯାଏ ? ନା ସେ ପିନ୍ଧିପାରବ ନାହିଁ । ମନା କରଦେବ । ହେଲେ ଆଦତ୍ୟଙ୍କ ମନ ଖରାପ ହୋଇପାରେ । ତେଣୁ ଅତ ସନ୍ତର୍ପଣରେ ସେ କହଲ, 'ତୁମେ ଯଦ ଚାହୁଁଛ ମୁଁ ଏଇ ପୋଷାକ ପିନ୍ଧି ତୁମକୁ ଏଠି ଘରେ ଦେଖେଇ ଦେବ, ହେଲେ ବାହାରକୁ ଯିବାକଥା ଜମା କହବନ ? ମୁଁ ବବାହତା ଆଉ ମୋ ପକ୍ଷରେ ଏ ପୋଷାକ ଶୋଭି ଦଏନା । ମୁଁ କେବେ ଏହ ପୋଷାକ ପିନ୍ଧିନ । ହଁ କ୍ଲବ୍ ଯିବାକୁ ଯଦ ଚାହୁଁଛ ଚାଲ କନ୍ତ ମୁଁ ସେଠି କଛ ଖାଇବ ନାହିଁ, କାରଣ ଆଜ ମଙ୍ଗଳବାର - ମୋର ଉପବାସ । ତମପାଇଁ ମୁଁ ବ୍ରତ ରଖିଛ ।'

କଳ୍ପନାର କଥା ଶୁଣି ଖୁବ୍ ଜୋରରେ ଚହ୍ଲାର କର ଉଠିଲେ ଆଦତ୍ୟ । 'କଳ୍ପନା - ମୁଁ ତୁମକୁ କଣ ନ ଦେଇଛ ? ବଙ୍ଗଳା, କାର୍, ଚାକରବାକର, ହାଇ ଷ୍ଟାଟସ ଲାଇଫ୍... ଆଉ ସେ ସବୁ ସତ୍ତ୍ୱେ ତୁମେ ମୋତେ କଣ ଦେଉଛ ? ମୋର ପ୍ରତ୍ୟେକ କଥାରେ ଅବମାନନା, ଯୁକ୍ତି ? ? ତମେ କଣ ଏଇ ସଂସ୍କାର ପାଇଛ ? ତମ ଘରେ କୌଣସି ସ୍ତ୍ରୀ ନଜ ସ୍ୱାମୀଙ୍କ ସହ ଏମିତ ବ୍ୟବହାର କରେ ?'

ଏହା ଶୁଣିବାପରେ କଳ୍ପନା କହିପକାଏ, 'ଦେଖ ଆଦିତ୍ୟ । ମୋତେ ବୁଝିବାକୁ ଚେଷ୍ଟା କର । କୌଣସି ଝିଅ ନିଜର ସ୍ୱାଭିମାନ, ମାନ ମର୍ଯ୍ୟାଦା ଓ ସମ୍ମାନଙ୍କୁ ଲଘିଂ ହାଇ ଷ୍ଟାଟସକୁ ଆପଣେଇ ଖୁସି ରହିପାରେନା । ଏସବୁ କରିବା ଅର୍ଥ ଆମ ବାପଘରର ସଂସ୍କାରକୁ ଉଲ୍ଲଂଘନ କରିବା ।'

'ତାମାନେ ... ତମେ କହୁଚ, ତମ ଘର ସଂସ୍କାର ଭଲ ଆଉ ମୋ ବାପାମାଆ ଦେଇଥିଲି ସଂସ୍କାର ଖରାପ ?' କହି ଆଦିତ୍ୟ ପ୍ୟାକେଟକୁ ଉଠେଇ ଡଷ୍ଟବିନରେ ଫୋପାଡ଼ିଦେଇ ଘରୁ ବାହାରିଯାଆନ୍ତି । ଫେରନ୍ତି ସେଇ ନିଶାର୍ଦ୍ଧରେ ନିଶାସକ୍ତହୋଇ । ପ୍ରତିଦିନ କୌଣସି ନା କୌଣସି କାରଣ ଦେଇ ଉଭୟଙ୍କ ମଧ୍ୟରେ ବଚସା ହେବା ଏକ ସାମାନ୍ୟ ହୋଇଯାଇଥିଲି । ମନୋମାଳିନ୍ୟ ସତ୍ତ୍ୱେ ନିଜ ଭାଗ୍ୟକୁ ଆଦରି କଳ୍ପନା ସବୁ ସହିଯାଏ ।

ଦିନପରେ ଦିନ ବିତିଯାଉଛି । ବର୍ଷେପରେ ଘରେ ସାମାନ୍ୟ ପରିବର୍ତ୍ତନ ଆସିଛି । କଳ୍ପନାର ଔରସରୁ ଜନ୍ମ ନେଇଛି ଗୋଟିଏ ପୁଅ । ପୁଅକୁ ପାଇ ଆଦିତ୍ୟ ବହୁତ ଖୁସି ଥାଆନ୍ତି । ପୁଅ ହେବା ଖୁସିରେ ବଡ଼ ତାରକା ହୋଟେଲରେ ପାର୍ଟିଦେବାକଥା ଚିନ୍ତା କରନ୍ତି ସେ । ରାହୁଲ ବୋଲି ନାଁ ଦିଅନ୍ତି ନିଜ ନବଜାତ ପୁଅର । ପୁଅ ଆସିବା ଖୁସିରେ ସେ ଯେଉଁଦିନ ପାର୍ଟିର ଆୟୋଜନ କରନ୍ତି, ସେହିଦିନ ସେ ଜନ୍ମ ହେବାର ଏକୋଇଶି ଦିନ ହୋଇଥିବାରୁ କଳ୍ପନା ଘରେ ସତ୍ୟନାରାୟଣ ପୂଜାର ଆୟୋଜନ କରିବାପାଇଁ କୁହେ । ହେଲେ ଏଥିରେ ବିରକ୍ତଭାବ ପ୍ରକଟ କରି ଆଦିତ୍ୟ ମନା କରିଦିଅନ୍ତି । କଳ୍ପନା ଏହାର କାରଣ ପଚାରିବା ପରେ ସେ ପାର୍ଟି ବିଷୟରେ କୁହନ୍ତି । ଏହା ଶୁଣି କଳ୍ପନା କହେ, 'ଅନ୍ତତଃ ମୋତେ ଥରେ ପଚାରି ଦେଇଥିଲେ ଏଇ ଅସୁବିଧା ହୋଇନଥାନ୍ତା ?' ଏହି କଥାରେ ଉତ୍କ୍ଷିପ୍ତ ହୋଇ ଆଦିତ୍ୟ କଳ୍ପନା ଉପରେ ବହୁତ ଯୋରରେ ରାଗିଯାଆନ୍ତି ଏବଂ କିଛି ସମୟ କଥାକଟାକଟି ପରେ ସେ କଳ୍ପନାର ଗାଲରେ ଏକ ଶକ୍ତ ଚାପୁଡ଼ା ଥୋଇଦିଅନ୍ତି । ଏବଂ କ୍ରୋଧରେ ଘୋଷଣା କରନ୍ତି, 'କିଛି ହେବନି । ନା ପୂଜା ହେବ ନା ପାର୍ଟି ।' ଏବଂ ନିଜ ରୁମରୁ ଏକ ଆଟାଚିରେ କିଛି ପୋଷାକ ଧରି ଘରୁ ବାହାରି ଯାଆନ୍ତି ।

ତିନିଦିନ ପରେ ମଧ୍ୟ ଆଦିତ୍ୟଙ୍କ କୌଣସି ଖବର ନଥାଏ । କଳ୍ପନା କୌଣସି ଚିନ୍ତା କରେନାହିଁ, କାରଣ ଆଗରୁ ମଧ୍ୟ ସେ ଅନେକଥର ବ୍ୟବସାୟ ପାଇଁ ବାହାରକୁ ଯାଇଛନ୍ତି । ହେଲେ ତିନିଦିନପରେ କଳ୍ପନା ଭାଙ୍ଗିପଡ଼େ । ସାବିତ୍ରୀ ପାଖରେ ନିଜ ଦୁଃଖର କଥା ଜଣାଇ କହେ, ସେ ଆଉ ଏହି ଘରେ ରହିବ ନାହିଁ, ଏହା ଦ୍ୱାରା ହୁଏତ ଆଦିତ୍ୟଙ୍କ ଚରିତ୍ର ପରିବର୍ତ୍ତନ ହୋଇପାରେ । ଯଦି ହୁଏ ତ ଭଲ ନ ହେଲେ ମଧ୍ୟ ସେ ଦୁଃଖ କରିବନାହିଁ । ଏହାକହି ସେ ଘର ଛାଡ଼ିଯିବା କଥା କହିବା ପରେ ସାବିତ୍ରୀ ମଧ୍ୟ ତା ସହ ଯିବାକଥା କହେ । ହେଲେ ଲୋକଲଜ୍ଜାରେ ନିଜ ପରିବାରକୁ ନ ପକାଇବା ଉଦ୍ଦେଶ୍ୟରେ କଳ୍ପନା ଲକ୍ଷ୍ନୌରୁ ବାହାରି ଆସେ ଜଗନ୍ନାଥପୁରୀ । ବିବାହ ସମୟରେ ବାପା ଦେଇଥିବା କିଛି ଗହଣାକୁ ବିକ୍ରୀକରି ସେ ପୁରୀରେ ରହିବା କଥା ଚିନ୍ତାକରେ । ଏବଂ ଘର ତ୍ୟାଗକରିବା ପୂର୍ବରୁ ଆଦିତ୍ୟଙ୍କ ଉଦ୍ଦେଶ୍ୟରେ ଚିଠି

ଲେଖିବସେ ।

ଆଦତ୍ୟ,

ତୁମକୁ ବବାହ କର ମୋ ଜୀବନରେ ଏକ ବହୁତ ବଡ଼ ଭୁଲ କରଛ । ମୋ ଜୀବନ ତ ନଷ୍ଟ ହୋଇଗଲାଣି, ଅନ୍ତତଃ ମୋ ପୁଅ ତୁମ ସାନ୍ନଧରେ ରହ ତା ଜୀବନକୁ ନଷ୍ଟ ନ କରଦେଉ ସେଇଥିପାଇଁ ମୁଁ ଏ ଘର ଛାଡ଼ି ଯାଉଛ । ମତେ ଖୋଜବାକୁ ଚେଷ୍ଟା କରବନ । ମୁଁ ତୁମକୁ ସବୁ ବନ୍ଧନରୁ ମୁକ୍ତ କରୁଛ । ତୁମର ଯାହା ଇଚ୍ଛା ହେଉଛ କର । ମୁଁ ତ ରହବ ନାହିଁ, ତୁମ ସହ ଯୁକ୍ତିକରବାକୁ ଆଉ କେହ ରହବେନ । ତେଣୁ ଶାନ୍ତରେ ରୁହ ।

କଳ୍ପନା

ଜଗନ୍ନାଥପୁରୀରେ ଶ୍ରୀମନ୍ଦିରର ବାଇଶି ପାହାଚରେ ରାହୁଲକୁ ଗଡ଼େଇଦେଇ ଜଗନ୍ନାଥଙ୍କ ଦର୍ଶନ ସମୟରେ ଆଖିରୁ ଧାର ଧାର ଲୁହକୁ ବନ୍ଦ କରପାରେନ କଳ୍ପନା । କଳ୍ପନାର ଅବସ୍ଥାଦେଖି ଦବ୍ୟସ୍ୱରୂପ ଜଣେ ଭଦ୍ରବ୍ୟକ୍ତି ତାକୁ ସାହାଯ୍ୟ କରନ୍ତି, ତା'ପାଇଁ ରହବାର ସୁବନ୍ଦୋବସ୍ତ ହେବାପରେ ସେ ଛୋଟ ଛୋଟ ପିଲାଙ୍କୁ ପାଠ ପଢ଼ାଇ ଘର ଚଳେଇବାପର ଅର୍ଥ ରୋଜଗାର କରେ । ତେଣେ ଘରେ ପହଞ୍ଚିବାପରେ ଆଦତ୍ୟ କଳ୍ପନା ଓ ରାହୁଲଙ୍କୁ ନ ପାଇ ପାଗଳପ୍ରାୟ ହୋଇ ଉଠନ୍ତି । କଳ୍ପନାର ଚଠିପଢ଼ିବା ପରେ ସେ ସମ୍ପୂର୍ଣ୍ଣଭାବରେ ଭାଙ୍ଗିପଡ଼ି ପୁଣିଥରେ ନଶାଗ୍ରସ୍ତ ହୋଇଯାଆନ୍ତି । ନଜ ନାମ ଓ ପରଚୟ ଗୋପନ ରଖି କଳ୍ପନା ନଜ ନାଁ କହଦଏ ବୈଷ୍ଣବୀ ମହାପାତ୍ର । ମେଧାବୀ ଛାତ୍ରୀ କଳ୍ପନା ଜଗନ୍ନାଥଙ୍କ କରୁଣାରୁ ଆୟୁର୍ବେଦକ କଲେଜରେ ପାଠ ପଢିବାପାଇଁ ଯୋଗଦାନ ଦଏ ।

ଆଦତ୍ୟଙ୍କ ଏକାକୀତ୍ୱର ଫାଇଦା ଉଠାଇବା ଉଦ୍ଦେଶ୍ୟରେ କମ୍ପାନୀରେ କାମ କରୁଥିବା ଜନୈକା କର୍ମଚାରୀ ଆଦତ୍ୟଙ୍କୁ ନଶାସକ୍ତ ଅବସ୍ଥାରେ ବବାହ ପ୍ରସ୍ତାବ ଦଏ, ଯାହାକୁ ସେ ମନା କରଦଅନ୍ତ । ହେଲେ ପୁଅ ଓ ସ୍ତ୍ରୀର ବୟୋଗରେ ମ୍ରିୟମାଣ ଆଦତ୍ୟ ନଜ କମ୍ପାନୀର କୌଣସି କଥାରେ ଚନ୍ତା କରନ୍ତ ନାହିଁ ଏବଂ ଦନକୁ ଦନ କମ୍ପାନୀର ଅବସ୍ଥା ନଷ୍ଟ ଆଡ଼କୁ ଗତକରେ । ବ୍ୟାଙ୍କରୁ ଆଣିଥିବା ଋଣ ପରଶୋଧ କରବାରେ ଅସମର୍ଥ ଆଦତ୍ୟଙ୍କ କମ୍ପାନୀ ଘର ନଲାମ ହୋଇଯାଏ ।

ଅନେକ ବର୍ଷ ବତଯାଇଥିବା ପରେ, କପର୍ଦ୍ଦକ ହୋଇପଡ଼ିଥିବା ଆଦତ୍ୟଙ୍କୁ ସହାୟ ହୁଅନ୍ତ ବନ୍ଧୁ ଅନଳ । ତାଙ୍କର ସହାୟତାରେ ସେ ଏକ କମ୍ପାନୀରେ କାମ ପାଆନ୍ତ ଏବଂ ନଜ ଭୁଲକୁ ସୁଧାର ଭଲରେ କାମ କରନ୍ତ କନ୍ତୁ ପୁଅ ଓ ସ୍ତ୍ରୀର ଅଭାବରେ ପୁଣିଥରେ ନଶାସକ୍ତ ହେବାଭଳ ଅବସ୍ଥା ହେବାର ଦେଖି ଅନଳ ପ୍ରସ୍ତାବ ଦଏ ଯେ ଯେହେତୁ କଳ୍ପନା ଜଗନ୍ନାଥଙ୍କୁ ବହୁତ ମାନେ, ତେଣୁ ଆଦତ୍ୟ ଅନ୍ତତଃ ଥରେ ପୁରୀଯାଇ ଜଗନ୍ନାଥଙ୍କ ଦର୍ଶନ କର ଆଶୀର୍ବାଦ ଭକ୍ଷା କରୁ ।

ଆଦିତ୍ୟ ଜଗନ୍ନାଥଙ୍କ ଦର୍ଶନ ସାରି ଫେରୁଥିବା ବେଳେ ବଡ଼ଦାଣ୍ଡରେ ହେଉଥିବା ଷଣ୍ଢ ଲଢ଼େଇର ଶୀକାରହୋଇ ଆହତ ହୋଇପଡ଼ନ୍ତି ଏବଂ ସୌଭାଗ୍ୟକୁ ସେଇ ରାସ୍ତାରେ ଯାଉଥିବା କଳ୍ପନାଙ୍କ ନଜର ପଡ଼େ ତାଙ୍କ ଉପରେ । କଳ୍ପନା ପାଠ ସମାପ୍ତ କରି ନିଜେ ଏକ ଛୋଟ ହସପିଟାଲ କରିଛି । ସେ ଆଦିତ୍ୟଙ୍କୁ ସେଇଠିକୁ ନେଇଯାଏ ଏବଂ ନିଜ ହସପିଟାଲର ସବୁଠାରୁ କର୍ମଠ ନର୍ସ ଶିବାନୀକୁ ଆଦିତ୍ୟଙ୍କ ସେବାରେ ଲଗାଏ । ଚେତାଶୂନ୍ୟ ଆଦିତ୍ୟଙ୍କ ସମସ୍ତ ଚିକିତ୍ସା ପରେ ଘରକୁ ବିଳମ୍ବରେ ଫେରିବାପରେ ସାବିତ୍ରୀ ଚିନ୍ତିତ ହୋଇ ବିଳମ୍ବର କାରଣ ପଚାରିବାପରେ କଳ୍ପନା ସମସ୍ତ ଘଟଣା ବିଷୟରେ କହେ । ସାବିତ୍ରୀ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ପ୍ରଣିପାତ କରି କହେ, 'ଭଗବାନ ତୋରି ଶୁଣିଲେ ।' କିନ୍ତୁ କଳ୍ପନା କହେ, ଅନେକ ବର୍ଷ ବିତିଗଲାଣି, ହୁଏତ ସେ ପୁନର୍ବାର ବିବାହ କରିଥାଇ ପାରନ୍ତି । ମୁଁ ସିନା ତାଙ୍କୁ ମୋ ଇହକାଳ ପରକାଳର ଦେବତା କରିଛି ସେ କଣ କରିଛନ୍ତି ସେ ବିଷୟରେ ମୁଁ ଅନଭିଜ୍ଞ, ତେଣୁ ମୁଁ ତାଙ୍କ ସମ୍ମୁଖରେ ଆସିବି ନାହିଁ ।

ପରଦିନ ସକାଳେ ଆଦିତ୍ୟଙ୍କ ଚେତା ଫେରିବାପରେ ସେ ନିଜକୁ ହସପିଟାଲରେ ପାଆନ୍ତି, ଏବଂ ପାଖରେ ଠିଆ ହୋଇଥିବା ନର୍ସ ଶିବାନୀଠାରୁ ସବୁ କଥା ଜାଣିବାକୁ ପାଆନ୍ତି । କିନ୍ତୁ ତୁମ ମେଡ଼େମ୍ କିଏ ବୋଲି ପ୍ରଶ୍ନ କଲାପରେ ସେ କହେ, ଡା ବୈଷ୍ଣବୀ ମହାପାତ୍ର । ଗୋଡ଼ରେ ବ୍ୟାଣ୍ଡେଜ୍ ବନ୍ଧାହୋଇଥିବା ଯୋଗୁଁ ସେ ନିଜ ସ୍ଥାନରୁ ଘୁଞ୍ଚିପାରୁନଥାନ୍ତି । ଶିବାନୀ ବହୁତ ସେବାକରେ । କଳ୍ପନା ପ୍ରତିଦିନ ଘରୁ ଜଳଖିଆ ଓ ଜୁସ୍ ଆଦି କରି ଆଣେ ଏବଂ ଶିବାନୀ ହାତରେ ଆଦିତ୍ୟଙ୍କ ପାଖକୁ ପଠାଏ ।

ଦିନକୁ ଦିନ ଆଦିତ୍ୟଙ୍କ ମନରେ ଡାକ୍ତରଙ୍କୁ ଦେଖି ଧନ୍ୟବାଦ ଦେବାକଥା ଘର କରେ । କିନ୍ତୁ କଳ୍ପନା କେବେ ବି ଆଦିତ୍ୟଙ୍କ ସମ୍ମୁଖରେ ଆସନ୍ତି ନାହିଁ । ଦିନେ ଥଟାରେ ଆଦିତ୍ୟ ଶିବାନୀଙ୍କୁ କହନ୍ତି, ତୁମ ଡାକ୍ତର କଣ ରୋଗୀଙ୍କୁ ଦେଖିବାପାଇଁ ଆସନ୍ତିନି କି ? ସେ ବି ଆଶ୍ଚର୍ଯ୍ୟ ହୋଇ କୁହେ, ନା ବାବୁ, ଆମ ଡାକ୍ତର ମେଡ଼ମ ସବୁବେଳେ ସବୁ ରୋଗୀଙ୍କୁ ଦେଖି ସେବା କରନ୍ତି ତ । କାହିଁକି କେଜାଣି ଆପଣଙ୍କ ପାଖକୁ ଆସନ୍ତି ନାହିଁ । ଅନେକ ଦିନ ପରେ ଆଦିତ୍ୟ ସମ୍ପୂର୍ଣ୍ଣଭାବେ ସୁସ୍ଥହୋଇଯାଆନ୍ତି ଏବଂ ହସ୍ପିଟାଲରୁ ବାହାରିବା ସମୟ ଆସେ । ସେ ଡାକ୍ତରଙ୍କ କକ୍ଷରେ ଉପସ୍ଥିତ ହେବା ସମୟରେ କଳ୍ପନା ଚେୟାରରେ ବସି ନିଜମୁହଁ ପଛକୁ କରିଥାଏ । ଆଦିତ୍ୟ ଅନେକ ଧନ୍ୟବାଦ ଦେଇ ଯିବା କଥା କହିବା ବେଳେ କଳ୍ପନା ସ୍ୱର ପରିବର୍ତ୍ତନ କରି ପଚାରେ, 'ଆପଣ ଏତେ ଦିନ ହସପିଟାଲରେ ରହିଲେ, ଆପଣଙ୍କ ନିଜ ଘର ଲୋକ କେହିବି ଆସିଲେନି କାହିଁକି ?' ସାମାନ୍ୟ ହସିଦେଇ ଆଦିତ୍ୟ କହିଲେ, 'କିଏ ଆସିବ ? ବାପା ମାଆ ତ କେବେଠୁ ଇହଲୋକ ଛାଡ଼ିଲେଣି । ବିବାହ କରିଥିଲି, ପୁଅଟିଏ ମଧ୍ୟ ଥିଲା ହେଲେ ମୁଁ ମୁର୍ଖଥିଲି । ସେମାନଙ୍କ ପ୍ରତି ଅନେକ ଅତ୍ୟାଚାର କରିଲି, ତେଣୁ ସେମାନେ ବି ମୋତେ ଛାଡ଼ି ଚାଲିଗଲେ । ' ଆଦିତ୍ୟକୁ କଥା ମଝିରେ ଅଟକାଇ କଳ୍ପନା

ପଗ୍ଚରିଲା, 'ତା ହେଲେ ଆପଣ ପୁଣିଥରେ ବିବାହ କରିପାରିଥାନ୍ତେ ?' ଆଦିତ୍ୟ ପୁଣିଥରେ ଗମ୍ଭୀର ହୋଇ କହିଲେ, ' ବିବାହ ? ତାହା କେମିତି କରିଥାନ୍ତି ? ମୁଁ ବହୁତ ଭଲପାଇ ବିବାହ କରିଥିଲି । ଜୀବନରେ ଥରେ ହିଁ ପ୍ରେମ ହୁଏ ଆଉ ମୋ ସ୍ତ୍ରୀକୁ ଛାଡ଼ିଦେଇ ମୁଁ କେବେ ଅନ୍ୟକାହାକୁ ଦେଖିନାହିଁ । ସେ ଯିବାପରେ ମୋର ସବୁକିଛି ଉଜୁଡ଼ିଗଲା । ସତରେ ସେ ଲକ୍ଷ୍ମୀଥିଲା । ତା ସହ ମୋ ଜୀବନ ବି ନାରଖାର ହୋଇଗଲା । ଦିନେ ସବୁଠୁ ବଡ଼ କମ୍ପାନୀର ମାଲିକ ଥିଲି, ଏବେ ଗ୍ଚକିରୀ କରି ଚଳୁଛି । ଭାଗ୍ୟ ଖରାପ ଥିଲେ ଯାହା ହୁଏ ।... ହଉ ଆପଣଙ୍କୁ ଧନ୍ୟବାଦ ଜଣାଉଛି । ଆପଣଙ୍କ ଦୟାରୁ ମୁଁ ସମ୍ପୂର୍ଣ୍ଣ ଭାବେ ସୁସ୍ଥ । ମୋତେ ଯିବାକୁ ଦିଅନ୍ତୁ ।'

ଆଦିତ୍ୟ ଏହାକହି ଫେରି ଗ୍ଚଲିଯାଉଥିବା ବେଳେ କଳ୍ପନା ହଠାତ୍ କହି ଉଠିଲା, 'ନା,ତୁମେ ଯାଅନି ଆଦିତ୍ୟ ।' ଆଦିତ୍ୟ ଚମକି ଫେରି ଗ୍ଚହିଁଲା ବେଳକୁ ସମ୍ମୁଖରେ କଳ୍ପନା । ସେ ଖୁସିରେ କାନ୍ଦି ପକାଇଲେ । କଳ୍ପନା ଆଗକୁ ଯାଇ ଆଦିତ୍ୟଙ୍କୁ ଜାବୁଡ଼ିଧରି ପକାଏ ଏବଂ କହିପକାଏ, 'ମୁଁ ଯେଉଁ ସ୍ୱାମୀଙ୍କ ସ୍ୱପ୍ନ ଦେଖୁଥିଲି ଆଜି ଜଗନ୍ନାଥ ମୋତେ ସେଇ ସ୍ୱାମୀ ଫେରେଇ ଦେଇଛନ୍ତି ।' ଆଦିତ୍ୟ କଳ୍ପନାକୁ ଦୂରେଇ ଦେଇ କହେ, ମୋ ପାଖକୁ ଆସନି, ମୁଁ ପାପୀ । ତୁମକୁ ଅନେକ କଷ୍ଟ ଦେଇଛି, ଏବେ ମୋ ପାଖରେ ଆଉ ଦେବାକୁ ମଧ୍ୟ କିଛି ନାହିଁ । ' କଳ୍ପନା କହେ, 'ମୋତେ ମୋ ସ୍ୱାମୀ ମିଳିଯାଇଛନ୍ତି, ଆଉ କଣ ଦରକାର । ମୋ ପୁଅକୁ ତା ବାପା ମିଳିବେ, ଏହା ମୋ ପାଇଁ ସ୍ୱପ୍ନ ପୁରା ହେବାଭଳି । ହେ ପ୍ରଭୁ ।' ଉଭୟଙ୍କ ଆଖିରୁ ଆନନ୍ଦାଶ୍ରୁ ଅନବରତ ବହି ଗ୍ଚଲିଛି । ହସପିଟାଲ୍ ଭିତରକୁ ପଶିଆସୁଛନ୍ତି ସାବିତ୍ରୀ ଆଉ ରାହୁଲ । ନିଜ ପୁଅକୁ ଦେଖି ଭାବବିଭୋର ହୋଇପଡୁଛନ୍ତି ଆଦିତ୍ୟ । ସତରେ ଜଗନ୍ନାଥଙ୍କ ଲୀଳା ଅନନ୍ୟ ବୋଲି କହିଉଠୁଛନ୍ତି ।

ବିଶ୍ୱାସର ବନ୍ଧନ, ଦୁର୍ବଳ ହୋଇପାରେ ହେଲେ ଭାଙ୍ଗିଯାଏ ନାହିଁ । ଆଦିତ୍ୟ ପୁଣିଥରେ ନୂତନଭାବରେ ଜୀବନକୁ ଆରମ୍ଭ କରନ୍ତି । କଳ୍ପନାଙ୍କ ସାନ୍ନିଧ୍ୟରେ ସେ ପୁଣିଥରେ ସଫଳତାର ଶୀର୍ଷରେ ପହଞ୍ଚିପାରନ୍ତି ।

# ଭୁଲି ହେବନି

ଅନୁପମ ବେହେରା



ଅନେକ କଥା ମୋ ମନେ ରହିଗଲା,

କହି ହେଲାନି ।

ସେ ମୋ ଠୁ ଦୂରକୁ ଚାଲିଗଲା,

ଆଉ ଫେରିଲାନି ।

ସେ ଦେଇଥିବା ଗୋଲାପ ଫୁଲଟି ମଉଳିଗଲାଣି,

ଫିଙ୍ଗି ହେଉନି ।

ସେ କହିଥିବା ପ୍ରତିଟି କଥା ମନେ ପଡୁଛି,

ଭୁଲି ହେଉନି ।

ସେ ଦେଇଥିବା ପ୍ରତିଟି ଚିଠି ଏବେ ବି ପାଖରେ ଅଛି,

ଚିରି ହେଉନି ।

ରହି ଯାଇଛି ମୋ ହୃଦୟରେ ତା'କୁ,

କାଢ଼ି ହେଉନି ।

ଯେତେ ଚେଷ୍ଟା କଲେ ବି ସେ ମନେ ପଡୁଛି,

ଭୁଲି ହେଉନି ।

# ସ୍ୱପ୍ନଦେଇ ଯାତ୍ରା

ସୁଶ୍ରୀ ଜୟଶ୍ରୀ ପଣ୍ଡା

ବହୁବର୍ଷ ତଳେ ମୋ ବାପା କୌଣସି ଏକ ବହିରୁ ପ୍ରେରିତ ହୋଇ ମୋତେ 'ଆତ୍ମ ସମ୍ମୋହନ' ବିଦ୍ୟା ଶିଖାଇବାକୁ ଚେଷ୍ଟା କରିଥିଲେ । ଏହି ବିଦ୍ୟା ଏକ ପ୍ରକାରର ତପସ୍ୟା, ଯାହା ପ୍ରଥମେ ଗୁରୁଙ୍କ ତତ୍ତ୍ୱାବଧାନରେ ରହି ଗୁରୁଙ୍କର ସ୍ୱର ଓ ଦୃଷ୍ଟିଦ୍ୱାରା ନିଜକୁ ଉପର ସ୍ତରରେ ପହଞ୍ଚାଇବାର ପ୍ରଚେଷ୍ଟା କରାଏ । କିଛି ଦିନର ଅଭ୍ୟାସ ପରେ ଏହି ପ୍ରକ୍ରିୟାକୁ ନିଜ ହୃଦୟର ସ୍ୱର ଓ କଳ୍ପନା ଦ୍ୱାରା ନିଜ ଉପରେ ପ୍ରୟୋଗ କରାଯାଇପାରେ । କିନ୍ତୁ ମୋ ପାଇଁ ତାହା ଏକ ପ୍ରକାରର ସ୍ୱତନ୍ତ୍ର ଅନୁଭବ ଆଣିଦେଇଥିଲା । ମୁଁ ବହୁତ ଅଦ୍ଭୁତମୟ ଅନୁଭବମାନ ଦେଇ ଯାତ୍ରା କରିଥିଲି ସେହି ସ୍ୱଳ୍ପ ସମୟର ସମ୍ମୋହିତ ଅବସ୍ଥାରେ । ଆପଣ ସେହି ଅନୁଭବଟିକୁ ସ୍ୱପ୍ନ କିମ୍ବା ମସ୍ତିଷ୍କର ଭ୍ରମ କିମ୍ବା ଅନ୍ୟ କିଛି କହିପାରନ୍ତି, କିନ୍ତୁ ମୋ ମନ ଭିତରେ ତାହା ଛପିଯାଇଛି ଏକ ଅନନ୍ୟ ଅନୁଭୂତି ଭାବରେ, ଏକ ଆଶ୍ଚର୍ଯ୍ୟଜନକ ଯାତ୍ରା ଅନ୍ୟ ଏକ ଜଗତକୁ...

ଗତକାଲି ମୁଁ ପୁରୀ ଭ୍ରମଣରେ ଯାଇଥିଲି ମୋ ମା'ଙ୍କ ସହିତ । ଆମେ ଘରକୁ ଫେରିଲା ବେଳେ ପ୍ରାୟ ମଧ୍ୟରାତ୍ରୀ ହୋଇଯାଇଥିଲା । ବାପା ଆମ ଅପେକ୍ଷାରେ ଥିଲେ । ଆମେ ଟିକେ ଧୁଆଧୋଇ ହୋଇ ଅବଢ଼ା ଖାଇବାକୁ ବସିଲୁ । ଖାଇବା ବେଳେ ଖୁସିବାସର ଗପସପ କରି କିଛି ସମୟପରେ ଶୋଇବାକୁ ଚାଲିଗଲୁ ସମସ୍ତେ । ଖରାଦିନର ଗରମ ଓ ଦୀର୍ଘ ଯାତ୍ରାପରର କ୍ଳାନ୍ତି ଯୋଗୁଁ ଗଭୀର ନିଦରେ ଶୋଇପଡ଼ିଥିଲି ମୁଁ ।

ରାତିର ଶେଷ ପ୍ରହରରେ, ପ୍ରାୟ ପାହାନ୍ତି ସମୟରେ ମୁଁ ଦେଖିଥିଲି ଗୋଟିଏ ସ୍ୱପ୍ନ, ମୋର ସେଇ ଆତ୍ମସମ୍ମୋହନ ଶିକ୍ଷା ସମୟରେ କିନ୍ତୁ ଥିଲା ଟିକେ ଭିନ୍ନ । ମୋର ପୂର୍ବ ଅନୁଭୂତି ଅନୁସାରେ ସମ୍ମୋହିତ ଅବସ୍ଥାରେ ଥାଇ ମୁଁ ନିଜକୁ ପାଇଥିଲି କୌଣସି ଏକ ଦୁଗ୍ଧଧଳ ଉଜ୍ଜ୍ୱଳ ଆଲୋକମୟ ମେଘମାଳା ମଧ୍ୟରେ... ଖୋଜିଚାଲିଥିଲି ସେହି ମେଘମାଳା ମଧ୍ୟରେ ମୋର ଘନିଷ୍ଠତମ ଏକ ବନ୍ଧୁଙ୍କୁ ଯାହାଙ୍କୁ ମୁଁ ଏ ପର୍ଯ୍ୟନ୍ତ

ମିଶିନଥିଲି ଏଇ ଜୀବନରେ । ଖୋଜି ଖୋଜି ପହଞ୍ଚିଥିଲି ସେହିପରି ଏକ ରାଜମହଲ ସମ୍ମୁଖରେ ଯାହା ସେଇ ଏକା ଦୁଗ୍ଧ ଭଳି ଉଜ୍ଜ୍ୱଳ ଥିଲା । ସେଠାରେ ସେଇପରି କିଛି ଉଜ୍ଜ୍ୱଳମୟ ବ୍ୟକ୍ତି ଯିବାଆସିବା କରୁଥିଲେ । ସେମାନେ ଦେଖିବାକୁ ମନୁଷ୍ୟଭଳି ହିଁ ଥିଲେ । କିନ୍ତୁ ସେଠାରେ ଦେଖାଯାଉଥିବା କୌଣସି ବ୍ୟକ୍ତିକୁ ଚିହ୍ନିଲା ପରି ଜଣାପଡୁନଥିଲା । ମାତ୍ର ମୋତେ ଏମିତି ଲାଗୁଥିଲା ସତେ ଯେମିତି ସେମାନେ ମୋ ପରିବାରର ସଦସ୍ୟ କିମ୍ବା ବହୁତ ଭଲ ଲୋକ । ସେମାନଙ୍କ ମଧ୍ୟରୁ ଜଣେ ଆସି ମୋ ହାତ ଧରି ମୋତେ ନିଜ ସହିତ ଚାଲିବା ପାଇଁ ନିର୍ଦ୍ଦେଶ ଦେଲେ । ମୁଁ ମଧ୍ୟ ଅବାଧ ଶିଶୁଟିଏ ପରି ତାଙ୍କ ସହ ସହ ଚାଲି ଚାଲି ପହଞ୍ଚିଲି ଏକ ନିଭୃତ ଗୁପ୍ତ ସ୍ଥାନରେ । ଯେତେବେଳେ ଆମେ ସେଇ ସ୍ଥାନରେ ପହଞ୍ଚିଲୁ, ମୋ ବାପାଙ୍କ ସ୍ୱର ମୋତେ ମୋ ସମ୍ମୋହିତ ଅବସ୍ଥାରୁ ଫେରାଇ ଆଣିଦେଇଥିଲା । ସେହି ସମୟରେ ମୁଁ ଫେରିବାକୁ ଚାହୁଁନଥିବା ସତ୍ତ୍ୱେ ମୋତେ ଫେରିବାକୁ ପଡ଼ିଲା । ଯେହେତୁ ସେମାନେ ମୋ ଆତ୍ମାକୁ ହରାଇବାକୁ ଚାହିଁନଥିଲେ, ତେଣୁ ମୋତେ ଫେରିବାର ନିର୍ଦ୍ଦେଶ ଦେଇଥିଲେ । କିଛି ସମୟ ପରେ ଫେରାଇ ଆଣିବା ଆତ୍ମସମ୍ମୋହନ ବିଦ୍ୟାର ଶେଷ ପର୍ବ । ସାଧାରଣ ସମ୍ମୋହନ ବିଦ୍ୟାପରି ଏଥିରେ ସମ୍ମୋହିତ ବ୍ୟକ୍ତିକୁ କିଛି ପ୍ରଶ୍ନ କରାଯାଏନାହିଁ । ସମ୍ମୋହିତ କରୁଥିବା ବ୍ୟକ୍ତି ଜାଣିପାରେନାହିଁ, ତୁମେ କେଉଁଠାରେ ଅଛ କିମ୍ବା କେଉଁପ୍ରକାର ପରିସ୍ଥିତିରେ ଅଛ । ମୋ ବାପାଙ୍କ ଅନୁଯାୟୀ କେବଳ ତୁମ ଆତ୍ମା ଯାଏ ଏହି ଯାତ୍ରା ଗୁରୁଙ୍କ ସ୍ୱରକୁ ଅନୁସରଣ କରି ।

ମୋତେ ସେତେବେଳେ ସେହି ଗୁପ୍ତ ସ୍ଥାନରେ ଥିବା ଦ୍ୱାର ଦେଇ ଭିତରକୁ ପ୍ରବେଶ କରିବାକୁ ଏବଂ ସେହି ଅଦ୍ଭୁତ ବ୍ୟକ୍ତିସହ କିଛି ସମୟ ବିତେଇବାକୁ ବହୁତ ମନ ଥିଲା । ମୋତେ ମନ ବହୁତ ଦୁଃଖିତ ହୋଇଯାଇଥିଲା କାରଣ ମୋ ପାଖରେ ବହୁତ କମ ସମୟ ଥିଲା । କିନ୍ତୁ ମୋ ବାପା ମାଆ ବ୍ୟସ୍ତ ହୋଇପଡ଼ିଥିଲେ, କାରଣ ସେମାନଙ୍କ କହିବା ଅନୁଯାୟୀ ମୁଁ ଅନେକ ସମୟ ନେଇଥିଲି ସମ୍ମୋହିତ ଅବସ୍ଥାରେ ଓ କିଛି ଅଧିକ ସମୟ ଫେରିଆସିବାକୁ ସେଇ ଅବସ୍ଥାରୁ ।

ମୁଁ ଜାଣିନାହିଁ ଆଜି ତାହା କେମିତି ମୋ ସ୍ୱପ୍ନର ବଗିଚାରେ ଉଙ୍କିମାରିଥିଲା । ଏହିଥର ମୋ ସ୍ୱପ୍ନରେ ସେହି ଯାତ୍ରା ଆରମ୍ଭ କରିଥିଲି ସେହି ପୂର୍ବ ସ୍ଥାନରୁ ହିଁ ଯେଉଁଠି ବହୁବର୍ଷ ତଳେ ଛାଡ଼ିଯାଇଥିଲି । ପୁଣି ସେଇ

ବ୍ୟକ୍ତିଙ୍କ ସହିତ, କିନ୍ତୁ ଏଥର ତାଙ୍କପାଖରେ ଥିଲା ପ୍ରଶ୍ନର ଭଣ୍ଡାର । ଯେତେବେଳେ କି ଗତଥର ସେ ମୋତେ ତାଙ୍କ ସହ ଯିବାକୁ ନିର୍ଦ୍ଦେଶ ଦେବା ବ୍ୟତୀତ ଆଉ କୌଣସି କଥାବାର୍ତ୍ତା କରିନଥିଲେ । ସେ ମୋତେ ପଚାରିବା ଆରମ୍ଭ କରିଦେଇଥିଲେ ମୋର ପୁରୀକୁ ଯାତ୍ରା ବିଷୟରେ । ଆଉ ମୁଁ ଅନର୍ଗଳ ଭାବରେ କହିଚାଲିଲି, 'ତାହା ବହୁତ ଆନନ୍ଦଦାୟକ ଥିଲା । ବହୁତ ବର୍ଷପରେ ପୁରୀ ଯାଇପାରିଲି । ସେଠାକୁ ଯାଇ ବହୁତ୍ ଖୁସି ହେଲି ।'

ସେ ପଚାରିଥିଲେ, 'ଭଗବାନ କହିଲେ କାହାକୁ ମନେ ପକାଅ ?'

'ରାଧାକୃଷ୍ଣ' ଚଟାପଟ୍ ଉତ୍ତର ଦେଇଥିଲି ।

- 'କେଉଁ ଯାଗାକୁ ଯିବାକୁ ତୁମକୁ ଭଲ ଲାଗେ ?'

ମନରେ ତ ଅନେକ ଯାଗା ରହିଥିଲା କିନ୍ତୁ ସବୁବେଳେ ମୋ ତୁଣ୍ଡରେ ଗୋଟିଏ ଉତ୍ତର ଥାଏ, 'ପୁରୀ' ।

ସେ ସ୍ମିତହାସ୍ୟଦେଲେ, କିନ୍ତୁ କଥା ଜାରି ରଖି କହିଲେ, 'କିଛି ଦେଖାଇବାକୁ ଯାଉଛି ତୁମକୁ ଯାହା ତୁମକୁ ଗତଥର ଦେଖାଇବାକୁ ଚାହୁଁଥିଲି ।'

ମୁଁ ଖୁସି ହୋଇଯାଇଥିଲି । ଅନେକ ବର୍ଷର ପ୍ରତୀକ୍ଷାପରେ ଆଜି ସେହି ଜିନିଷଟିକୁ ଦେଖିବାର ସୁଯୋଗ ମିଳିଛି ।

- 'ଏହା ତୁମର ବୁଝିବା ପାଇଁ । ଯଦିଓ ଏଇ ଭିତରେ ଅନେକ କିଛି ତୁମେ ଅନୁଭବ କରିଛ, ଭଲ ବି ଖରାପ ବି ।'

ମୁଁ ଭାବୁଥିଲି, ଏମିତି କଣ କରିପକାଇଲି ? କିଛି ଭୁଲ କରିଛି କି ? ଯଦି ହଁ ତାହେଲେ ସେଇ ଭୁଲଟା କଣ ? ପୁଣି ଭଲ କଣ ? କିନ୍ତୁ ସେତେବେଳେ ମଧ୍ୟ ତାଙ୍କ ମୁହଁରେ ସ୍ମିତହାସ୍ୟ ଖେଳି ରହିଥିଲା ।

ଏହିସବୁ ଭାବିବା ଭିତରେ ଆମେ ଯାଇ ପହଞ୍ଚିଥିଲୁ ଗୋଟିଏ ଖୋଲା ଥିବା ଦ୍ୱାର ପାଖରେ । ସେ ମୋତେ ଇଙ୍ଗିତରେ ଭିତରକୁ ଦେଖିବାକୁ ନିର୍ଦ୍ଦେଶ ଦେଲେ । ମୁଁ ସୁନାପିଲାଟିଏ ପରି ତାଙ୍କ ନିର୍ଦ୍ଦେଶକୁ ପାଳନ କରିଥିଲି । ଭିତରେ ଥିଲା ବିଭିନ୍ନ ଆକୃତିର ଓ ଆକାରର ପାତ୍ର । କିଛି ବଡ଼ କିଛି ଆହୁରି ବଡ଼

ଏବଂ କିଛି ବିଶାଳକାୟ ମାଟିର ପାତ୍ର, ଆଉ ଅନେକ ଥିଲା ଛୋଟ ଓ ଭିନ୍ନ ଆକୃତିର ଯାହା ସବୁ ଉଜ୍ଜ୍ୱଳତମ ଧାତୁରେ ତିଆରି; ବୋଧ ହୁଏ ସୁନା କିମ୍ବା ରୂପାରେ ତିଆରି । କିଛି ଛୋଟ ପାତ୍ର ସେ ମଧ୍ୟରୁ ଦେଖାଯାଉଥିଲା ଯେମିତି ଚକ୍ ମକ୍ କାଚରେ ତିଆରି, ହୀରାରେ ନୁହେଁ ତ !!! ମାଟି ହାଣ୍ଡିଗୁଡ଼ିକୁ ଦେଖି କାହିଁକି କେଜାଣି ଭୟରେ ଶିହରୀ ଯାଇଥିଲି । ମନେ ହେଉଥିଲା ସତେ ଯେମିତି ସେଇ ସବୁ ପାତ୍ରରେ କଳା କିମ୍ବା ଗାଢ଼ ମାଟିଆ ରଙ୍ଗର ପଦାର୍ଥ ଭର୍ତ୍ତି ହୋଇଥିଲା । ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲା ଧାତୁ ତିଆରି ଜିନିଷ ଗୁଡ଼ିକ । ଯେହେତୁ ମୋତେ ସବୁବେଳେ ଚମକୁଥିବା ଜିନିଷ ଗୁଡ଼ିକ ଆକର୍ଷିତ କରେ, ବୋଧହୁଏ ସେଇଥିପାଇଁ ।

ହତଚକିତ ରହି ଓ ପ୍ରଶ୍ନଭର୍ତ୍ତି ଆଖି ନେଇ ମୁଁ ସେହି ବ୍ୟକ୍ତିଙ୍କ ଆଡ଼କୁ ବୁଲିଲି, ଯିଏ ମୋ ପାଖରେ ସେମିତି ସ୍ମିତହାସ୍ୟ ଦେଇ ଛିଡ଼ା ହୋଇଥିଲେ । ସେ ପଢ଼ିନେଇଥିଲେ ମୋ ଆଖିର ପ୍ରଶ୍ନ । ଓ ମୁଁ କୌଣସି ପ୍ରଶ୍ନ କରିବା ପୂର୍ବରୁ ସେ ଉତ୍ତର ଦେଇଥିଲେ -

'ସେଇ ମାଟି ହାଣ୍ଡି ଗୁଡ଼ିକରେ ଭର୍ତ୍ତି ହୋଇଛି ବିଷାଦପୂର୍ଣ୍ଣ ବା ଖରାପ ସମୟମାନଙ୍କ ଦ୍ୱାରା ଯାହା ତୋର ଜୀବନ ଏଇ ଭିତରେ ଭୋଗିଛି ଏବଂ ଯେଉଁ ଅବଡ଼ାଖାବଡ଼ା ରାସ୍ତାକୁ ତୁମେ ସାହାସ ଓ ସହନଶୀଳତା ଦ୍ୱାରା ପାର କରିପାରିଛ ।'

ମୁଁ ଆଶ୍ଚର୍ଯ୍ୟ ଚକିତ ହୋଇଥିଲି । ମୁଁ ଏତେ ଗୁଡ଼ାଏ ଖରାପ ସମୟ ଦେଇ ଯାଇଛି ? ସତରେ ?

ଅନ୍ୟ ହାଣ୍ଡିଗୁଡ଼ିକ ବିଷୟରେ ମୋ ମୁଣ୍ଡକୁ ଘାଣ୍ଟିବା ଆରମ୍ଭ କରିବା ପୂର୍ବରୁ ସେ ପୁଣିଥରେ କହିବା ଆରମ୍ଭ କରିଦେଲେ, 'ସେ ହାଣ୍ଡି ଗୁଡ଼ିକ ଖୁସି ଓ ଆନନ୍ଦର ସମୟରେ ଭର୍ତ୍ତି । ମୁଁ ଭାବୁଥିଲି ତୁମେ କେମିତି ଏତେ ମହତ୍ତ୍ୱପୂର୍ଣ୍ଣ କଥାଟା ବୁଝିପାରିଥିଲ ଯାହା ଏ ଦୁନିଆରେ ବହୁତ କମ ଲୋକ ବୁଝିପାରନ୍ତି ।'

ମୁଁ ସେଠାରେ ଠିଆ ହୋଇ ଭାବୁଥିଲି ସେଇ ମହତ୍ତ୍ୱପୂର୍ଣ୍ଣ କଥାଟା କଣ ଯାହା ମୁଁ ବୁଝିପାରିଥିଲି !!!

ସେ ସେମିତି କହିଚାଲିଥିଲେ, 'ସେହି ସୁନାରୂପା ଓ ହୀରାର ହାଣ୍ଡିଗୁଡ଼ିକରେ ଭର୍ତ୍ତି ହୋଇଛି ତୁମଦ୍ୱାରା ସଂଗୃହିତ ଛୋଟ ଛୋଟ ଖୁସିର ସମୟ, କିଛି ମନେ ପଡ଼ିଲା କି ?'

'ସତରେ ' ମୁଁ ପୁଣି ଆଶ୍ଚର୍ଯ୍ୟ ହେଉଥିଲି । 'ହଁ, ମୋର ମନେ ଅଛି ଯେ ମୁଁ ପ୍ରତ୍ୟେକ ଛୋଟ ଛୋଟ

ଖୁସିର ସମୟକୁ ସାଉଁଟିବାକୁ ଓ ବଞ୍ଚିବାକୁ ଚେଷ୍ଟା କରୁଥିଲି ଯେତେବେଳେ କଷ୍ଟକର ସମୟ ଦେଇ ଜୀବନ ଗତ କରୁଥିଲି, ନିଜକୁ ସାନ୍ତ୍ୱନା ଦେବାପାଇଁ ଯାହା ମୋତେ ଏଇଥିରୁ ବାହାରିଆସିବାରେ ସାହାଯ୍ୟ କରୁଥିଲା ।'

'ହଁ, ସେଇ ଖୁସିର ସମୟ ଗୁଡ଼ିକ ଯାହା ତୁମେ ମନ ଭିତରେ ସଜେଇ ରଖିଛ । ଖାଲିଥିବା ସେହି ସ୍ଥାନ ଗୁଡ଼ିକୁ ଦେଖିପାରୁଛ କି ?' ସେ ପଚାରିଲେ ।

ମୁଁ କେବଳ ସମ୍ମତିରେ ମୁଣ୍ଡ ହଲାଉଥିଲି ସେଇ ଚକ୍ ମକ୍ କରୁଥିବା ପାତ୍ର ଗୁଡ଼ିକୁ ଦେଖି ଓ ତାଙ୍କ କଥା ଶୁଣି ।

ତା'ପରେ ସେ ପୁଣିଥରେ କହିଚାଲିଲେ, 'ହୋଇପାରେ ଆଉ କିଛି ମାଟି ହାଣ୍ଡି ସେଇ ସ୍ଥାନରେ ଆସିପାରେ, ଯେତେବେଳେ ତୁମେ ଖରାପ ସମୟ ଦେଇ ଯିବ ତୁମ ଭବିଷ୍ୟତରେ । କିନ୍ତୁ ମୁଁ ଆଶା କରୁଛି ବଡ଼ କି ସାନ ଖାତିର ନ କରି ସୁନା ରୁପା ଓ ହୀରାର ପାତ୍ରମାନଙ୍କୁ ତୁମେ ତାଠାରୁ ଅଧିକ ଖୁସି କ୍ଷଣମାନଙ୍କ ଦ୍ୱାରା ଭର୍ତ୍ତି କରିବ । ଆଉ ଏହି କକ୍ଷକୁ ପୂର୍ଣ୍ଣ କରି ଚାଲିଥିବ । ଯାହା ଫଳରେ ଏଇ ମାଟି ହାଣ୍ଡିଗୁଡ଼ିକ ତା ତଳେ ପୋତି ହୋଇଯିବ ।' ତାପରେ ସେ ମୋ ଆଡ଼କୁ ବୁଲି ଅନାଇଲେ, ଆଖି ଭର୍ତ୍ତି ଆଶା ଓ ଭରସାର ସ୍ମିତହସ ନେଇ ।

ଠିକ୍ ସେହି ସମୟରେ ମୋର ଆଖି ଖୋଲିଗଲା ସକାଳର ରୋଷେଇଘରୁ ଆସୁଥିବା ଜଳଖିଆ ତିଆରି କରିବା ଶବ୍ଦରେ । ସେ ପର୍ଯ୍ୟନ୍ତ ମୁଣ୍ଡ ଭର୍ତ୍ତି ଥିଲା ସେଇ ଆଶ୍ଚର୍ଯ୍ୟଜନକ ଘଟଣା ଗୁଡ଼ିକ ଦ୍ୱାରା, ଓ କାନରେ ବାଜୁଥିଲା ତାଙ୍କର ସେଇ କଥା ସବୁ । ଏ ପର୍ଯ୍ୟନ୍ତ ଆଶାଭରା ଆଖିଗୁଡ଼ିକ ଯାହା ମୁଁ ସେଇ ମୁହୂର୍ତ୍ତରେ ଦେଖିଥିଲି ବୋଲି ଭାବିଥିଲି ମୋ ସାମନାରେ ଭାସିଯାଉଥିଲା ଓ ମନରେ ଭାବି ଚାଲିଥିଲି ସେ ଯାହା ଅପେକ୍ଷା କରିଛନ୍ତି ମୋଠାରୁ ସେ ସବୁ କରିପାରିବି ତ ?

# ତୁମ ହାତର ବାସ୍ନା...

ଦେବାଶିଷ ସାମଲ



ବଞ୍ଚାନମେଳା ପାଇଁ ଘରଟିଏ ବନେଇ ଆଣିବାକୁ କୁହାଯାଇଥାଏ
ସୁନ୍ଦର ଘରଟିଏ ତଆର କର ନେଇଥିଲ...
ହେଲେ ତୁମେ ସେଦନ କଛ ଆଣିନଥିଲ
ପଗ୍ଚରଲେ ସାର, "ତୋ ଘର କାହିଁ ?"
ହସି ଦେଖେଇ ଦେଇଥିଲ ମୋ ଘରଟିକୁ,
ମୁଁ ବ ପ୍ରମାଣିତ କରଦେଇଥିଲ ଯେ '"ତୁମେ ମିଛେଇ...
ଆଉ ସେ ଘରଟି ମୋର ।"
ଖୁବ୍ ମାଡ଼ ହେବାକୁ ଯାଉଥିଲ୍ ତୁମକୁ
ହେଲେ... ତୁମର ଛଳ ଛଳ ଆଖିକୁ ଦେଖି କହଲ..
"ସାର୍... ମୁଁ ମିଛ କହଥିଲ... ଘରଟି ତା'ର..."
କେଜାଣି କାହିଁକ ସମର୍ପି ଦେଇଥିଲ ଘରଟିକୁ
ଖୁବ୍ ମାଡ଼ ହୋଇଥିଲ୍ ମୋତେ...
କ୍ଲାସ୍ ଶେଷରେ... ତୁମି ଦେଇଥିଲ ମୋ ହାତର ମାଡ଼ ହୋଇଥିବା ପାପୁଲକୁ...
ତୁମର ବ ଲୁହ ବୋହୁଥିଲ୍... ମୋ ଲୁହକୁ ପୋଛ କହଲ...
ଏଇଟା ନା ତୁମ ଘର...ନା ମୋ ଘର...
ଆଉ ମୋ ହାତର ପାପୁଲକୁ ଜାବୁଡ଼ି ଧରଲ ଓ କହଲ
"ଏଇଟା କଣ ଆମର ଘର ହୋଇପାରବନ ?"

ମୁଁ ବ ବୁଣି ଗ୍ଲୁଥିଲ ସ୍ୱପ୍ନର ଅମ୍ଲାନ ମୁରୁଜ

ଆଜ ତୁମେ ନାହଁ ହେଲେ...

ତୁମ ହାତର ବାସ୍ନା ମୋ ହାତରେ ଅଛ... [୧]

ତୁମେ ଦେଖିବାକୁ ଭର ପତଳା

ଦନେ ଚକୋଲେଟ୍ ଦେବାରୁ ମନାକଲ...

କହଲ, “ଆଜ ପଗ୍ସୋମବାର...

ଆଉ ମୋର ଉପବାସ...

ପଗ୍ଚରଲ କାହାପାଇଁ ଏ ବ୍ରତ ଉପବାସ ? ?”

ହସି କହଲ - “ସବୁ କଥା କଣ କୁହାଯାଏ ?”

ମୁଁ କହଲ, “ଏବେ ତ ମୋଟି ଅଛ

ପୁଣି ଉପବାସ କର ଆହୁର ମୋଟି ହୋଇଯିବ

ହସି ପଗ୍ଚରଲ, ‘ହେଲେ କଣ ହେଲ୍ ?”

କହଲ, “ଏତେ ମୋଟି ହେଲେ ତୁମକୁ ହଗ୍ କରବ କେମିତ ଯେ ? ? ?”

ମୋ ହାତକୁ ଭଡ଼ିଧର କହଲ,

“ଏଇଟା ଗୋଟିଏ କଥା ?”

ତୁମେ ହଗ୍ ନ କରପାରଲେ କଣ ହେଲ୍ ଯେ

ମୁଁ ତୁମକୁ ହଗ୍ କରଦେବ...

ପୁଲକତ ହୋଇ ଉଠିଲ... ଯେପର...

ପାଣିର ସ୍ପର୍ଶରେ ମାଟି ଭଜଯାଏ

ଆଜ ତୁମେ ନାହଁ ହେଲେ

ତୁମ ହାତର ବାସ୍ନା ମୋ ହାତରେ ଅଛି... [୨]

ଦିନେ କହିଲି ଯିବି - ସାଙ୍ଗମାନେ ଅପେକ୍ଷା କରିଛନ୍ତି

ରାଗି ପଚାରିଲ... "କାହାକୁ ବେଶୀ ଭଲପାଅ ତୁମେ ???

ମୋତେ ନା ତୁମ ସାଙ୍ଗମାନଙ୍କୁ ???"

ମୋ ଶୁଖିଯାଇଥିବା ମୁହଁକୁ ଦେଖି କହିଲି...

ମୁଁ ଜାଣେନା କାହାକୁ ବେଶୀ ଭଲପାଏ

ହେଲେ ତୁମେ ପାଖରେ ଥିଲେ ସାଙ୍ଗମାନଙ୍କୁ ଭୁଲିଯାଏ

ଆଉ ସାଙ୍ଗମାନଙ୍କ ପାଖରେ ଥିଲେ

ତୁମକୁ ମନେ ପକାଏ...

ଆଉ ଭିଡ଼ି ଧରିଥିଲ ମୋ ହାତର ପାପୁଲିକୁ

ତୁମର ସ୍ପର୍ଶରେ ମୋ ଆଶାର ଗୁଞ୍ଜୁଡ଼ି ପୂର୍ଣ୍ଣଗର୍ଭା ହୋଇଯାଇଥିଲା

ଆଜି ତୁମେ ନାହଁ ହେଲେ...

ତୁମ ହାତର ବାସ୍ନା ମୋ ହାତରେ ଅଛି... [୩]

ବ୍ରହ୍ମପୁର

# କୁନି କୁନି ପିଲାଙ୍କ ପାଇଁ...


ରାହୁଲ ପଣ୍ଡା



ପିଲାମାନେ ମୁଁ ତୁମମାନଙ୍କର ଏକ ବଡ଼ଭାଇପରି । ତୁମେମାନେ ସମସ୍ତେ ସ୍କୁଲରେ ପଢୁଛ ନା ? ଜାଣିଛ, ସ୍କୁଲ ପଢ଼ାସାରି ତୁମେମାନେ ତା'ପରେ କୁଆଡ଼େ ଯିବ ? କଲେଜକୁ ଯିବ । କିଏ ଡାକ୍ତରୀ ପଢ଼ିବ, କିଏ ଇଞ୍ଜିନିୟରିଂ ତ ଆଉ କିଏ ଓକିଲାତି, ପ୍ରଶାସନିକ ଅଧିକାରୀ, ଜଳବାହିନୀ, ସ୍ଥଳବାହିନୀ, ଆକାଶବାହିନୀ, ଚିତ୍ରକର, ବୈଜ୍ଞାନିକ, ସାହିତ୍ୟିକ, ଗଣିତଜ୍ଞ ଇତ୍ୟାଦି ।

ବର୍ତ୍ତମାନ ମୁଁ ମୋ ବିଷୟରେ କିଛି କହିବାକୁ ଚାହୁଁଛି । ମୁଁ ବ୍ରହ୍ମପୁରରେ ଥିବା ଏକ ପ୍ରତିଷ୍ଠିତ ଇଞ୍ଜିନିୟରିଂ କଲେଜରେ କମ୍ପ୍ୟୁଟର ବିଜ୍ଞାନରେ ପ୍ରଥମବର୍ଷର ଛାତ୍ର ।


ଆଚ୍ଛା କହିଲ ପିଲେ, ତୁମେମାନେ ସମସ୍ତେ କେଉଁଠି ସ୍କୁଲରେ କେଉଁ ପାଠ ପଢୁଛ ? ଗଣିତ, ବିଜ୍ଞାନ, ସାହିତ୍ୟ, ହିନ୍ଦୀ, ଇତିହାସ, ଭୂଗୋଳ ଇତ୍ୟାଦି ସବୁ ପଢୁଥିବ । ଆଉ ସବୁ ବିଷୟରେ ଭଲ ମାର୍କ ରଖିବା ବହୁତ ଜରୁରୀ । ଏହି ସବୁ ବିଷୟ ଭିତରେ ଯେଉଁ ବିଷୟର ଜ୍ଞାନ ଆମପାଇଁ ସବୁଠୁ ଅଧିକ ସେଇଟା ହେଉଛି ଗଣିତ । ଗଣିତ ଭଲ ହେଲେ ଅନ୍ୟ ସବୁ ବିଷୟ ଆପେ ଆପେ ଭଲ ହୋଇଯିବ । ଏହି ଗଣିତ କିନ୍ତୁ ଅନେକଙ୍କୁ କଠିନ ଆଉ ବେଳେ ବେଳେ ବିରକ୍ତିକର ବି ଲାଗିଥାଏ । ମୋତେ ବି ଲାଗୁଥିଲା, ହେଲେ ମୋ ବାପା ମୋତେ ଏହି ବିଷୟରେ ରୁଚି ଆଣିବାରେ ସାହାଯ୍ୟ କଲେ । ପ୍ରତ୍ୟହ ପ୍ରାତଃକାଳରୁ ଉଠି ଗଣିତର ଅଭ୍ୟାସ କରାଇବାପରେ ମୁଁ ଏହି ବିଷୟକୁ ଭଲରେ ଗ୍ରହଣ କରିପାରିଲି । ବାପା ମୋତେ କେବେ ରାତିରେ ଗଣିତ ଅଭ୍ୟାସ କରିବାକୁ କୁହନ୍ତି ନାହିଁ, ସେ କୁହନ୍ତି ରାତିରେ ଗଣିତ କଲେ କାଳେ ଭୁଲଭଟକା ହେବାର ସମ୍ଭାବନା ଅଧିକ ଥାଏ ।





ଗଣିତ ଶାସ୍ତ୍ରର ଆରମ୍ଭ ଭାରତୀୟ ଉପଦ୍ୱୀପରେ ହୋଇଥିବା କଥା ଅନେକ ଜାଣନ୍ତି ନାହିଁ । ଚାଲ, ମୁଁ ତୁମମାନଙ୍କୁ ବର୍ତ୍ତମାନ ବିଶ୍ୱର ଜଣେ ମହାନ ଗଣିତଜ୍ଞ ଶ୍ରୀନିବାସ ରାମାନୁଜନଙ୍କ କାହାଣୀ କହୁଛି ।

ତୁମେ ଶୁଣିଲେ ଆଶ୍ଚର୍ଯ୍ୟ ହେବ ଯେ ସେ ନିଜ ବିଦ୍ୟାଳୟର ଶିକ୍ଷା ସମ୍ପୂର୍ଣ୍ଣ କରିନଥାଇ ମଧ୍ୟ ବିଶ୍ୱର ମହାନ ଗଣିତଜ୍ଞମାନଙ୍କ ମଧ୍ୟରେ ପ୍ରତିଷ୍ଠିତ ହୋଇପାରିଥିଲେ, ଏହାର କାରଣ ଥିଲା ଗଣିତ ପ୍ରତି ତାଙ୍କର ଗଭୀର ଶ୍ରଦ୍ଧା ଓ ଆକର୍ଷଣ ।

ତତକାଳୀନ ମାଡ୍ରାସ ପ୍ରେସିଡ଼େନ୍ସି (ଚେନ୍ନାଇ) ର ଏକ ଛୋଟଗାଁ ଇରୋଡ଼ଠାରେ ସେ ୧୮୮୭ ମସିହା ଡିସେମ୍ବର ୨୨ ତାରିଖରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତା ଶ୍ରୀନିବାସ ଆୟାଙ୍ଗାର ଏକ କପଡ଼ା ମିଲ୍‌ରେ କିରାଣୀ ଥିଲେ । ସେ ବହୁତ ଗରୀବ ଥିଲେ । ରାମାନୁଜଙ୍କ ଗଣିତ ପ୍ରତି ଅହେତୁକ ଆକର୍ଷଣ ଥିଲା । ତେଣୁ ସେ ବିଦ୍ୟାଳୟର ପ୍ରତ୍ୟେକ ଶ୍ରେଣୀରେ ବୃତ୍ତିପାଉଥିଲେ । ଗଣିତ ପ୍ରତି ଦୁର୍ବଳତା ହେତୁ ସେ ଅନ୍ୟ ସବୁ ବିଷୟରେ ଅବହେଳା କରିଚାଲିଥିଲେ । ଦଶମ ଶ୍ରେଣୀ ବେଳକୁ ସେ ଅନ୍ୟ ସମସ୍ତ ବିଷୟରେ ଦୁର୍ବଳ ଥିବା ହେତୁ ତାଙ୍କୁ ବୃତ୍ତି ମିଳିନଥିଲା । ତାଙ୍କର ପରିବାର ଅତ୍ୟନ୍ତ ଗରୀବ ଥିଲା । ତେଣୁ ତାଙ୍କର ପାଠପଢ଼ା ଖର୍ଚ୍ଚ ତୁଲେଇବା କଷ୍ଟସାଧ୍ୟ ହୋଇଗଲା । ସେ ସେହିସମୟରେ ନିଜ ପାଠପଢ଼ା ସହ କିଛି ଛାତ୍ରଛାତ୍ରୀଙ୍କୁ ଟ୍ୟୁସନ ଦେଇ ନିଜ ପାଠପଢ଼ା ଖର୍ଚ୍ଚ ଉପାର୍ଜନ କରିଥିଲେ ।




କିନ୍ତୁ ଅତ୍ୟଧିକ କାମ ଯୋଗୁଁ ସେ ଅସୁସ୍ଥ ହୋଇପଡ଼ିଲେ ଏବଂ ଆଉ ଅର୍ଥ ଉପାର୍ଜନ କରିବା ସମ୍ଭବ ହେଲାନାହିଁ । ଘରେ ଅର୍ଥାଭାବ ହେତୁ ତାଙ୍କୁ ଚାକିରୀ କରିବାକୁ ପଡ଼ିଲା । ଶାରୀରିକ ଅସୁସ୍ଥତା ସତ୍ତ୍ୱେ ସେ ନିଜ ଗଣିତ ଅଭ୍ୟାସ ଚାଲୁ ରଖିଥିଲେ । ତାଙ୍କର




ପ୍ରତିଭାକୁ ଚିହ୍ନି ଶ୍ରୀ ରାମାସ୍ୱାମୀ ଆୟାର ରାମାନୁଜଙ୍କ ପାଇଁ ମାସିକ ୨୫ ଟଙ୍କା ବୃତ୍ତିର ବ୍ୟବସ୍ଥା କରିଦେଇଥିଲେ । ଏହି ସମୟରେ ରାମାନୁଜଙ୍କୁ ମାଡ୍ରାସ ପୋର୍ଟଟ୍ରଷ୍ଟରେ କିରାଣୀ ଚାକିରୀ ମିଳିଥିଲା । ଚାକିରୀ କରୁଥିବା ସମୟରେ କାମର ଅତ୍ୟଧିକ ବୋଝ ଥିବାରୁ ଗଣିତ ଅଧ୍ୟୟନ ପାଇଁ ଦିନବେଳା ଆଦୌ ସମୟ ମିଳୁନଥିଲା । ସେଇଥି ପାଇଁ ସେ ରାତି ଅନିଦ୍ରା ହୋଇ ଏବଂ ନିଦ୍ରାଭଙ୍ଗକରି ଉଠି ସ୍ଲେଟରେ ନୂଆ ନୂଆ ସୂତ୍ରମାନ ଲେଖୁଥିଲେ ।

କିଛି ବର୍ଷପରେ ସେ ଇଣ୍ଡିଆନ୍ ମେଥ୍‌ମେଟିକାଲ୍ ସୋସାଇଟିର ଗଣିତଜ୍ଞମାନଙ୍କ ସଂସ୍ପର୍ଶରେ ଆସିଥିଲେ । ଏବଂ ଜଣେ ଉଚ୍ଚମାନର ଗଣିତଜ୍ଞ ଭାବରେ ପରିଚିତ ହୋଇଥିଲେ । ବିଶ୍ୱପ୍ରସିଦ୍ଧ ଗଣିତଜ୍ଞ ଜି.ଏଚ୍. ହାର୍ଡି, ରାମାନୁଜଙ୍କୁ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟ ଯିବାପାଇଁ ନିମନ୍ତ୍ରଣ ଦେଇଥିଲେ । ରାମାନୁଜ ପରବର୍ତ୍ତୀ ସମୟରେ ସେହିଠାରେ ବି.ଏ. ଉପାଧି ପାଇଥିଲେ । ସେଠାରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଭଲ ନ ରହିବାରୁ ସେ ଭାରତ ଫେରି ଆସିଥିଲେ ।

ଏହି ମହାନ ଗଣିତଜ୍ଞ ମାତ୍ର ୩୨ ବର୍ଷ ବୟସରେ ୧୯୨୦ ମସିହା ଅପ୍ରେଲ ୨୬ ତାରିଖରେ ଦେହାନ୍ତ ହୋଇଯାଇଥିଲା । କିନ୍ତୁ ସେ ଯେଉଁ ସବୁ ସୂତ୍ର ଲେଖିଦେଇ ଗଲେ, ତାହା କାଳକାଳକୁ ଅମର ହୋଇ ରହିବ ।

ତୁମେମାନେ ମଧ୍ୟ ଏମିତି କୀର୍ତ୍ତିମାନ ସ୍ଥାପନ କର, ପିତାମାତାଙ୍କ ବୋଲମାନି, ମନଦେଇ ବିଦ୍ୟାଅଧ୍ୟୟନ କର । ଏବଂ ଭବିଷ୍ୟତରେ ତୁମେ ବି ରାମାନୁଜଙ୍କ ପରି ହୋଇପାରିବ ।

ମୁଁ ରାହୁଲ ଭାଇ, ପୁଣି ଆଗାମୀ ମାସରେ ତୁମମାନଙ୍କ ପାଇଁ ଆଉ ଜଣେ ମହାନ ବ୍ୟକ୍ତିଙ୍କ ବିଷୟରେ ତଥ୍ୟ ସବୁ ନେଇ ଆସିବି ।

ବ୍ରହ୍ମପୁର

www.aahwaan.com

# ବବର୍ତ୍ତନ

ପ୍ରକାଶ ରଞ୍ଜନ ପରଡ଼ା



ମୋ ଆଖିରେ ମୁହୁର୍ମୁହୁ ବଦଳ ଯାଉଛୁ ତୁ

ବଦଳ ଯାଉଛି ତୋ ଆଖିର ଭଷା, କଣ୍ଠସ୍ୱର-

ଦନକୁ ଦନ ତୁ ବନଯାଉଛୁ ମାନସାଙ୍କରୁ ଜଟିଳ ଉପପାଦ୍ୟ

ଏହା କଣ ତୋ ଭଷାରେ ସାଂସାରକ ଜୀବନର ଜାଙ୍ଗଲକ ସତ୍ୟ ?

କଣ ଏମିତ ହେବାର ଥିଲା -

ଯାହା ଅପେକ୍ଷାରେ ମୁଁ ଭୁଲୁଛି ଧର୍ ଆଉ ମଥା ଉପରର ନୀଳ ଆଶ୍ରୟକୁ,

ତା ମିଠା ସ୍ୱର ଶୁଭବ ମତେ ମୁଖର୍ ମୁଖର୍

ଅରୁଣିବା ଭର୍ ଆଖିରେ ଭଶବ ନଷ୍ଠୁରତା,

ହୃଦୟରେ ଗ୍ଲଇଯିବ ହୃଦୟହୀନ ପାଷାଣୀ ଶୂନ୍ୟତା ।

ସହ ହୁଏନା... ମନ ଭୁଲେନା...

କନ୍ତୁ ଫୁଲ ଫୁଟେ... ଜହ୍ନ ଉଠେ... ଝରୁଥାଏ ଝରଣା...

ଅଧୁର୍ ଆଶାରେ, କୋହର ନଆଁରେ ପୋଡ଼ିଯାଉଥାଏ ମନର ଅଗଣା,

ନଜ ଭତରେ ଧ୍ୟାନସ୍ଥ ହେବାର ବ୍ୟର୍ଥ ଚେଷ୍ଟାରେ

ନଜ ସହତ ନଜେ ଯୁଦ୍ଧ କରବାର ଅପମୁହୂର୍ତ୍ତେ

ନର୍ଜ୍ଜ ଭୂଇଁରୁ ରତ୍ନ ସାଉଁଟିବାର ମାହେନ୍ଦ୍ର ବେଳାରେ

ମନେ ପଡୁ ତୁ...

ମନେ ପଡ଼େ ତୋ ମିଠାକଥା, ଅଭିମାନ ମଖା ଗୁମସୁମ ମୁହଁ ।

ତା ହାତରୁ ଖସିଯାଏ ଯୁଦ୍ଧାସ୍ତ୍ର

ଧ୍ୟାନସ୍ଥ ପାଲଟିବାର ମହାମନ୍ତ୍ର

ରତ୍ନ ସାଉଁଟିବାର ବିଚିତ୍ର କୌଶଳ

ସବୁ ଭୁଲିଯାଏ... ସବୁ ହଜିଯାଏ ।

ଅକାରଣେ ଲୁହରେ ଭିଜେ, ଅନ୍ୟମନସ୍କତାରେ ହଜେ

ତୋ ସ୍ମୃତିର ମନ୍ଥର୍ ଧୂଳି ମୋତେ ତୋଳି ଧରେ

ମାଟିଠୁ ଅନେକ ଉଚ୍ଚରେ

ଆଜିକାଲି ତୋ ହସରେ ଲୁହରେ

କେତେ କ୍ରୋଧ, କେତେ ଘୃଣା

କେତେ ଭଲ ପାଇବା ଓ ଅଭିମାନ

ମୁଁ ଜାଣି ହିଁ ପାରେନା

ଉଡ଼ିଗଲା ବାସ୍ନା ପଛେ ପ୍ରଜାପତି ପରି

ମୋ ଆଖି ତୋତେ ଖୋଜି ହିଁ ପାଏନା

ତୋ ମିଠା ସ୍ୱର ଆଉ ମୋ କାନକୁ ଶୁଭେନା ।

ଋଷିପ୍ରଦୀପ, କଏଳପାଳ, ବାଡୋ, କେନ୍ଦୁଝର-୪୩

ମୋବାଇଲ୍ : ୯୪୩୮୦୮୦୫୮୩

# ବୃଦ୍ଧାଶ୍ରମରେ ସ୍ଥାନ ନାହିଁ !

ବାଲ୍ମୀକି ନାୟକ



ଏହି ଶୀର୍ଷକରେ ଟାଇମସ ଅଫ ଇଣ୍ଡିଆ ୨୪-୧୦-୨୦୧୪ ଦିନ ପ୍ରକାଶ ପାଇଥିବା ଏକ ଖବର ପଢ଼ିବାପରେ ମନରେ ଏକ ତୀବ୍ର ପ୍ରତିକ୍ରିୟା ଜାତ ହୋଇଛି । କର୍ଣ୍ଣାଟକ ପ୍ରଦେଶର ବାଙ୍ଗାଲୁରୁ, ମାଙ୍ଗାଲୋର ଏବଂ ଧାରୱାଡ଼ ସହର ମାନଙ୍କରେ ଶତାଧିକ ବୃଦ୍ଧାଶ୍ରମ ରହିଛି । କିଛି ବୃଦ୍ଧାଶ୍ରମ ସରକାରଙ୍କ ଦ୍ୱାରା ପରିଚାଳିତ ହୋଇ ନିଃଶୁଳ୍କ ରହିବା ଓ ଖାଇବା ବ୍ୟବସ୍ଥା ଥିଲେ ସୁଦ୍ଧା ଅବସ୍ଥା ସନ୍ତୋଷଜନକ ନାହିଁ । ସ୍ୱେଚ୍ଛାସେବୀ ସଂଗଠନଙ୍କ ଦ୍ୱାରା ନିର୍ମିତ ବୃଦ୍ଧାଶ୍ରମ ଗୁଡ଼ିକ ସେଠାରେ ରହୁଥିବା ଅନ୍ତେବାସୀଙ୍କ ଆର୍ଥିକ ସହାୟତାରେ ହିଁ ପରିଚାଳିତ ହୁଏ । ପ୍ରକାଶିତ ଖବର ଅନୁଯାୟୀ ପ୍ରତି କୋଠରୀର ଭଡ଼ା ମାସିକ ୧୦ରୁ ୩୦ ହଜାର ପର୍ଯ୍ୟନ୍ତ ଦେବାକୁ ପଡ଼ିଥାଏ । ସେହି ଅନୁସାରେ ରହିବା, ଖାଇବା ଓ ଚିକିତ୍ସା ସୁବିଧା ମିଳିଥାଏ । ବାଙ୍ଗାଲୋରର ଜଣେ ସମାଜସେବିକା କରେନ୍ ପିଣ୍ଟୋ କହିଛନ୍ତି - ସହରର ୧୦-୨୦ ପ୍ରତିଶତ ବୟସ୍କ ଲୋକ ଭଲ ବୃଦ୍ଧାଶ୍ରମରେ କୋଠରୀଟିଏ ପାଇବାପାଇଁ ପ୍ରତୀକ୍ଷା ତାଲିକାରେ ରହିଛନ୍ତି । ବୃଦ୍ଧାଶ୍ରମରେ କୋଠରୀ ଖାଲିହେବାପାଇଁ ଦୁଇଟି ମାତ୍ର କାରଣ ରହିଛି । ପ୍ରଥମ - କେହି ଅନ୍ତେବାସୀ ମୃତ୍ୟୁବରଣ କରିବା । ଦ୍ୱିତୀୟ - ପରିବାର ଲୋକ ଆସି ଅନ୍ତେବାସୀଙ୍କୁ ନେଇଯିବା । ଏହି ଦୁଇଟି ଯାକ କାରଣର ସମୟସୀମା ନିର୍ଦ୍ଧାରିତ ନୁହେଁ । ତେଣୁ ଆହୁରି ଅଧିକ ବୃଦ୍ଧାଶ୍ରମ ନିର୍ମାଣ କରିବା ଅତି ଜରୁରୀ ହୋଇପଡ଼ିଛି । ଓଡ଼ିଶାରେ ସମସ୍ତ ସୁବିଧା ସଂପନ୍ନ ବୃଦ୍ଧାଶ୍ରମ କେଉଁଠି ଏବଂ କେତୋଟି ଅଛି, ସେ କଥା ଗଣମାଧ୍ୟମ କିମ୍ବା ସରକାରୀ ନଥିପତ୍ରରୁ ଜାଣିହେବ ।

ବୃଦ୍ଧାଶ୍ରମର ଆବଶ୍ୟକତା : ଭାରତୀୟ ସଂସ୍କୃତିରେ ଶୁଣାଯାଉଥିଲା, ମଣିଷମାନେ ଗୃହସ୍ଥ ଧର୍ମ

ପାଳନ କରିବାପରେ ପରିଣତ ବୟସରେ ବାନପ୍ରସ୍ଥଧର୍ମ ପାଳନ କରିବାପାଇଁ ଗୃହତ୍ୟାଗ କରି ବଣଜଙ୍ଗଲରେ ଯାଇ ରହୁଥିଲେ । ଜଙ୍ଗଲରେ ସେମାନେ କେଉଁଠି ରହୁଥିଲେ, କଣ ଖାଉଥିଲେ, ସେମାନଙ୍କ ଚିକିତ୍ସା ବ୍ୟବସ୍ଥା କିପରି ଥିଲା, ସେ ବିଷୟରେ ଚିନ୍ତା କଲେ ବିଶ୍ୱାସ କରିହେଉନି ଯେ ଜଣେ ଗୃହସ୍ଥ ମଣିଷ ସମସ୍ତ ପ୍ରକାର ସୁଖ ସୁବିଧା ତ୍ୟାଗ କରି ଜଙ୍ଗଲରେ ଶାନ୍ତିପୁର୍ବକ ବଞ୍ଚି ରହିପାରିବ । ସେହି ଯୁଗକଥା ବାଦ ଦିଆଯାଉ । ପରିବର୍ତ୍ତିତ ସମୟରେ ବାନପ୍ରସ୍ଥ ଆଶ୍ରମ ଲୋକାଳୟ ମାନଙ୍କରେ ବୃଦ୍ଧାଶ୍ରମ ନାମରେ ଗଠନ ହେଲା । ଅବହେଳିତ, ଉପେକ୍ଷିତ, ନିରାଶ୍ରୟ ଓ ଅସହାୟ ବୟସ୍କ ଲୋକମାନେ ବାଧହୋଇ ଗୃହତ୍ୟାଗ କରି ବୃଦ୍ଧାଶ୍ରମମାନଙ୍କରେ ରହିବାକୁ ଆସିଲେ ।

ସରକାର କିମ୍ବା କେତେକ ବଦାନ୍ୟ ବ୍ୟକ୍ତିଙ୍କ ଧନରେ ଆଶ୍ରମ ଗୁଡ଼ିକ ପରିଚାଳିତ ହେଲା । ସେଠାରେ ମାଗଣାରେ ରହିବା ଓ ଖାଇବା ବ୍ୟବସ୍ଥା ହୋଇଥିଲା । ଅସଲ ସମସ୍ୟା ହେଉଛି, ଜରାଜୀର୍ଣ୍ଣ, ଦୁର୍ବଳ ଓ ବୟସ୍କ ଲୋକମାନଙ୍କର ଆବଶ୍ୟକତା ଅନୁସାରେ ମନଜାଣି ଧୈର୍ଯ୍ୟର ସହ ସେବା କରିବାପାଇଁ ସୁସ୍ଥ ମଣିଷ କେତେ ଜଣ ମିଳିପାରିବେ ? ମନସ୍ତାତ୍ତ୍ୱିକ ମାନଙ୍କ ମତରେ ଗେ୍ଲଟପିଲା ଓ ବୟସ୍କମାନଙ୍କ ମାନସିକ ସ୍ଥିତି ପ୍ରାୟ ଏକ ପ୍ରକାରର ହୋଇଥାଏ । ଦୁହେଁ ଅଝଟ ହୁଅନ୍ତି, ଜିଦ୍ କରନ୍ତି, ଅଭିମାନ କରନ୍ତି, ଏବଂ କଥାମାନନ୍ତି ନାହିଁ । ତେଣୁ ବୃଦ୍ଧାଶ୍ରମର କର୍ମଚାରୀମାନଙ୍କ ପାଇଁ ଏକ ବିକଟ ସମସ୍ୟା ଦେଖାଦିଏ । ନିଜେ ଏଇ ସବୁଗୁଣ ଯୋଗୁଁ ଗୃହ ତ୍ୟାଗ କରିଥିବା କିମ୍ବା ପରିବାର ଲୋକେ ବିରକ୍ତ ହୋଇ ଘରୁ ବାହାର କରିଦେଇଥିବା ଲୋକମାନେ ବୃଦ୍ଧାଶ୍ରମକୁ ଦ୍ୱିତୀୟ ଓ ଶେଷଘର ଭାବି, ଭାଗ୍ୟକୁ ଆଦରି ପଡ଼ି ରହିଥାନ୍ତି । ବୃଦ୍ଧାଶ୍ରମରେ ରହୁଥିବା ଲୋକମାନଙ୍କୁ ଦୟାର ପାତ୍ର ଭାବି ସମାଜ ଉଚିତ ସମ୍ମାନ ଦେଇନଥାଏ ।

ଆଜିର ଆଧୁନିକ ଯୁଗରେ କିନ୍ତୁ ସେହିଭଳି ରଢ଼ିବାଦୀ ବିଚାର ଆଉ ନାହିଁ । ବୟସ୍କମାନଙ୍କ ସୁରକ୍ଷା, ଆତ୍ମସମ୍ମାନ ରକ୍ଷା, ଏବଂ ଶେଷ ଜୀବନରେ ସୁଖ ଓ ଶାନ୍ତିରେ ବଞ୍ଚିବାପାଇଁ ଆଧୁନିକ ସୁବିଧା ସଂପନ୍ନ ବୃଦ୍ଧାଶ୍ରମ (ଓଲ୍ଡ୍ ଏଜ୍ ହୋମ୍) ମାନ ଗଠନ ହୋଇଛି । ନିଜର ଯୌବନ ସମୟରେ ଅର୍ଜନ କରିଥିବା ଧନରାଶିକୁ ବ୍ୟୟ କରି ନିଜକୁ ଏକ ସୁରକ୍ଷିତ ପରିବେଶରେ ସ୍ଥାପନ କରିବାପାଇଁ ବୟସ୍କ ଲୋକମାନେ ଏବେ ନିଷ୍ପତ୍ତି ନେଉଛନ୍ତି । ନିଜର ସନ୍ତାନମାନେ ଇଚ୍ଛାଥିଲେ ବି ଆଜିର ବ୍ୟସ୍ତ ଜୀବନ

ଭିତରେ ବୃଦ୍ଧପିତାମାତାଙ୍କ ସେବା କରିବାପାଇଁ ସମୟ ଓ ସୁବିଧା ପାଉନାହାନ୍ତି । ଅନେକ ଶିକ୍ଷିତ ଓ ଧନୀ ସନ୍ତାନମାନେ ନିଜ ପିତାମାତାଙ୍କ ଉଚିତ ସଂରକ୍ଷଣପାଇଁ ବୃଦ୍ଧାଶ୍ରମକୁ ଏକ ବିକଳ୍ପ ଭାବରେ ଗ୍ରହଣ କରୁଛନ୍ତି । ସେମାନେ ଟଙ୍କା ଖର୍ଚ୍ଚ କରିପାରିବେ କିନ୍ତୁ ସମୟ ଓ ଶ୍ରମ ଦେଇପାରିବେ ନାହିଁ ।

ବୃଦ୍ଧାଶ୍ରମରେ ଧନଖର୍ଚ୍ଚକରି ଭଲ ଡାକ୍ତର ଓ ନର୍ସମାନଙ୍କୁ ସେବାକରିବାପାଇଁ ନିଯୁକ୍ତି କରାଯାଉଛି । ତେଣୁ ସ୍ୱଇଚ୍ଛାରେ ନହେଲେ ସୁଦ୍ଧା ଚାକିରୀ ଲୋଭରେ ସେମାନେ ବୟସ୍କ ଲୋକମାନଙ୍କ ସେବା କରିବାକୁ ବାଧ୍ୟ ହୁଅନ୍ତି । ବୃଦ୍ଧାଶ୍ରମରେ ଏକା ବୟସର ଅନେକ ଲୋକ ରହିଲେ, ସେମାନଙ୍କ ଭିତରେ ଭାବର ଆଦାନପ୍ରଦାନ ସହଜ ହୋଇଥାଏ । ପରସ୍ପର ଭିତରେ ମନଖୋଲି କଥାବାର୍ତ୍ତା ହୋଇଥାନ୍ତି । ସେମାନେ ନିଜକୁ ଅପମାନିତ ବା ଅବହେଳିତ ବୋଲି ଅନୁଭବ କରନ୍ତି ନାହିଁ । ବରଂ ବନ୍ଧନମୁକ୍ତ, ସ୍ୱଚ୍ଛନ୍ଦ ଓ ସ୍ୱାଧୀନ ଜୀବନର ସ୍ୱାଦ ଅନୁଭବ କରନ୍ତି ।

ଏଇଠି ଆମେ ବୃଦ୍ଧାଶ୍ରମର ଆବଶ୍ୟକତା ଉପରେ ଆଲୋଚନାକୁ ସୀମିତ ରଖି, ବୃଦ୍ଧାଶ୍ରମ ଗୁଡ଼ିକର ସଂଖ୍ୟା କିଭଳି ବୃଦ୍ଧିପାଇବ ଏବଂ ଆଶ୍ରମ ଗୁଡ଼ିକର ସୁବ୍ୟବସ୍ଥା କିପରି ବୃଦ୍ଧିପାଇବ ସେହି ବିଷୟରେ ଗଭୀରତାର ସହିତ ବିଚାର କରିବା ସମୟ ଆସିଯାଇଛି ।

ବାଙ୍ଗାଲୋର ସ୍ଥିତ ନାଇଟେଙ୍ଗେଲ୍ ମେଡ଼ିକାଲ୍ ଟ୍ରଷ୍ଟର ସଂସ୍ଥାପକ ଓ ପରିଚାଳକ ଡା ରାଧା ଏସ୍ ମୂର୍ତ୍ତି କହିଛନ୍ତି -ପ୍ରଥମତଃ ଭାରତରେ ମୃତ୍ୟୁର ବୟସସୀମା ବଢ଼ିଯାଇଛି । ଆଜି ବି ୯୦ରୁ ଉର୍ଦ୍ଧ୍ୱ ବୟସର ମଣିଷମାନେ ଜୀବିତ ଅଛନ୍ତି । ସେମାନଙ୍କର ସନ୍ତାନମାନେ ୬୦ ବର୍ଷ ପାର କରିସାରିଲେଣି । ସେମାନେ ବି ଅଧିକାଂଶ ମଧୁମେହ, ଉଚ୍ଚ ରକ୍ତଚାପ କିମ୍ବା ସେହିଭଳି କିଛି ଘାତକ ରୋଗରେ ଆକ୍ରାନ୍ତ ହୋଇ ପଡ଼ୁଛନ୍ତି । ତେଣୁ ନିଜର ବୃଦ୍ଧ ପିତାମାତାଙ୍କ ସେବା କରିବା କଷ୍ଟକର ହୋଇପଡୁଛି । ଦ୍ୱିତୀୟତଃ ଯେଉଁମାନେ ଶଯ୍ୟାଶାୟୀ ରୋଗୀ ସେମାନଙ୍କୁ ସେବା କରିବା ଆହୁରି ବେଶୀ କଷ୍ଟକର କାମ । କୌଣସି ଡାକ୍ତରଖାନାରେ ଦୀର୍ଘସମୟପାଇଁ ରୋଗୀଙ୍କୁ ରଖିବା ସମ୍ଭବ ନୁହେଁ । ତୃତୀୟତଃ - ଯେଉଁ ମାନଙ୍କର ସନ୍ତାନମାନେ ବିଦେଶରେ ରହି ଚାକିରୀ କରୁଛନ୍ତି, ସେମାନେ ସହରରେ ବିରାଟ ଘରଟିଏ ସିନା ତିଆରି କରିଯାଉଛନ୍ତି କିନ୍ତୁ ଘରେ ବୃଦ୍ଧ ପିତାମାତାଙ୍କ ସୁରକ୍ଷା ଦାୟିତ୍ୱ ନେବ କିଏ ? ଆଜିକାଲି ଏକାକୀ ରହୁଥିବା ବୃଦ୍ଧଲୋକଙ୍କୁ ହତ୍ୟାକରି ଲୁଣ୍ଠନ କରାଯାଉଥିବା ଘଟଣାମାନ ପ୍ରତିଦିନିଆ ଖବର

ହେଲାଣି ।

ଶେଷରେ ଏହି ସମସ୍ୟାର ସମାଧାନ ପାଇଁ ଅନେକ ଉପାୟ ମଧ୍ୟରୁ ଗୋଟିଏ ସହଜ ଉପାୟ ଉପରେ ବିଗ୍ଚାର କରିବା । ଭାରତୀୟ ସଂସ୍କୃତରେ ମାଆଙ୍କୁ ଧରିତ୍ରୀ ଓ ପିତାଙ୍କୁ ଆକାଶ ସହ ତୁଳନା କରି ସେମାନଙ୍କୁ ତନ, ମନ, ଧନ ଦ୍ୱାରା ସେବାକରିବାପାଇଁ ବିଭିନ୍ନ ଧର୍ମଶାସ୍ତ୍ରରେ ବାରମ୍ବାର ଉଲ୍ଲେଖ କରାଯାଇଛି । ସେହି ସବୁ ଶ୍ଳୋକକୁ ଆବୃତ୍ତିକରି ପ୍ରତ୍ୟେକ ଧର୍ମଗୁରୁମାନେ ରାତଦିନ ମାଇକ ସାମନାରେ ଗଳାଫଟେଇ ପ୍ରବଚନ ଦେଉଛନ୍ତି, କିନ୍ତୁ ଯେଉଁ ଧର୍ମଗୁରୁମାନେ ନିଜର ଭକ୍ତମାନଙ୍କୁ ପ୍ରଭାବିତ କରି ଶହ ଶହ ଏକର ସରକାରୀ ଓ ବେସରକାରୀ ଜମି ହଡ଼ପ କରି ମଠ, ଆଶ୍ରମ ଓ ମନ୍ଦିର ନିର୍ମାଣ କରୁଛନ୍ତି, ସେମାନେ ଯଦି ସେହି ସ୍ଥାନରେ କିଛି କିଛି ଅଂଶଧନ ଖର୍ଚ୍ଚକରି ସାରା ଦେଶରେ ଆବଶ୍ୟକ ମୁତାବକ ବୃଦ୍ଧାଶ୍ରମମାନ ନିର୍ମାଣ କରିଦିଅନ୍ତେ, ତେବେ ଖୁବ୍ ଶୀଘ୍ର ଆମ ଦେଶର ଚଳନ୍ତି ଦେବତା (ବୃଦ୍ଧ ପିତାମାତା)ମାନଙ୍କ ଜୀବନରେ ସତରେ ସ୍ୱର୍ଗ ସୁଖ ପ୍ରାପ୍ତ ହୋଇପାରନ୍ତା । ବିଡ଼ମ୍ବନା ହେଉଛି ଯେ ବିରାଡ଼ି ବେକରେ ଘଣ୍ଟିବାନ୍ଧିବାକୁ ଯିବ କିଏ ? ଧର୍ମଗୁରୁମାନେ ଆମର ଏହି ପ୍ରସ୍ତାବ ଉପରେ ଉଦାର ଚିତ୍ତରେ ବିଗ୍ଚାର କରିବେ କି ?

ବାଙ୍ଗାଲୋର

ମୋବାଇଲ୍ : ୦୮୦୮୩୨୪୭୭୮

# ଘରେଇ ମସଲା

କୁନ ମିଶ୍ର



ଆଜକାଲି ବଜାରରେ ବିଭିନ୍ନ ରକମର ମସଲା ବିକ୍ରୀ ହେଉଛି । ଏପରିକି ଭଜାଭଜି ପାଇଁ ଅଲଗା ମସଲା, ପନିପରିବା ତରକାରୀ ପାଇଁ ଅଲଗା, ମାଛ ଭଜା ପାଇଁ ଅଲଗା, ମାଛ ଝୋଳ ତରକାରୀ ପାଇଁ ଅଲଗା, ଛେଳି ମାଂସ ପାଇଁ ଅଲଗା, କୁକୁଡ଼ା ପାଇଁ ଅଲଗା, ବିରିୟାନି ପାଇଁ ଅଲଗା, ଇତ୍ୟାଦି ଇତ୍ୟାଦି ।

ଏ ସବୁ ମସଲାକୁ ରଖିବାପାଇଁ ଅଲଗା ଅଲଗା ଡବା ଦରକାର, ଯାହା ଉପରେ ନାଁ ଲେଖି ରଖିଦେଲେ ସୁବିଧା, ହେଲେ ଏତେ ସବୁ ମସଲା ରଖିବାପାଇଁ ଆବଶ୍ୟକ ଡବା ଓ ରୋଷେଇ ଘରେ ଜାଗା ମିଳିବା କଷ୍ଟ ସାଧ । କିନ୍ତୁ ଏମାନଙ୍କ ଉପସ୍ଥିତି ହେତୁ ଘରେ ରୋଷେଇ ଭଲରେ ହୁଏ ନିଶ୍ଚୟ । ବଜାରରୁ କିଣି ଅଣାଯାଉଥିବା ମସଲାରେ ଥିବା ଦ୍ରବ୍ୟ ସବୁ କଣ ? ତାହା ଆମପାଇଁ ହିତକାରକ ନା ହାନିକାରକ ? ଏ ସବୁ ବିଷୟରେ କେହି କେବେ ଚିନ୍ତା କରିଛନ୍ତି କି ?

ଅବଶ୍ୟ ସେ ସବୁ ବିଷୟରେ ଚିନ୍ତା କରିବା ଅପେକ୍ଷା ନିଜ ଘରେ ମସଲା ପ୍ରସ୍ତୁତ କରି ଦୈନନ୍ଦିନ ରୋଷେଇ କାର୍ଯ୍ୟରେ ପ୍ରୟୋଗ କରିବା ଉଚିତ ହେବ । ଏହି ମସଲା ରୋଷେଇର ସମସ୍ତ ପ୍ରକାର ବ୍ୟଞ୍ଜନରେ ବ୍ୟବହାର ହୋଇପାରିବ । ଆଉ ବଜାରରୁ କିଣି ଆଣୁଥିବା ମସଲା ଅପେକ୍ଷା ଏହା ବ୍ୟୟସାପେକ୍ଷ ହେବ ।

ଘର ତିଆରି ମସଲା ପାଇଁ ଉପାଦାନ ଓ ଭାଗମାପ : -

୧. ଧନିଆ - ୨୦୦ ଗ୍ରାମ

| | | | |
|---|---|---|---|
| ୨. | ଜୀରା | - | ୧୦୦ ଗ୍ରାମ |
| ୩. | ଶୁଖିଲା ଲଙ୍କା | - | ୫୦ ଗ୍ରାମ |
| ୪. | ପୋସ୍ତ | - | ୫୦ ଗ୍ରାମ |
| ୫. | ଦାଲଚିନି | - | ୫୦ ଗ୍ରାମ |
| ୬. | ଲବଙ୍ଗ | - | ୧୨ ଗ୍ରାମ |
| ୭. | ଗୁଜୁରାତି | - | ୦୮ ଗ୍ରାମ |
| ୮. | ଅନାସିଫୁଲ | - | ୪୦ ଗ୍ରାମ |
| ୯. | ଜାଇଫଳ | - | ୦୨ ଟା |
| ୧୦. | ତେଜପତ୍ର | - | ୨୦ ଗ୍ରାମ |
| ୧୧. | କଳା ମରିଚି ଲଙ୍କା | | ୦୩ ଗ୍ରାମ |
| ୧୨. | ମେଥି | - | ୫୦ ଗ୍ରାମ |
| ୧୩. | ହଳଦୀ ଗୁଣ୍ଡ | - | ୫୦ ଗ୍ରାମ |

ମସଲା ପ୍ରସ୍ତୁତ ପ୍ରଣାଳୀ : -

ପ୍ରଥମେ ତେଜପତ୍ର ଓ ଶୁଖିଲା ଲଙ୍କା ଗୁଡ଼ିକରୁ ଅନାବନା କାଠିକୁଟା ଓ ଡେମ୍ଫ ଇତ୍ୟାଦ ବାହାର କରି ଅଲଗା କରିଦିଅନ୍ତୁ । ତା'ପରେ ତାକୁ ମିଶାଇ ଏକ ବଡ଼ କରେଇ ରେ ୪-୫ ମିନଟ୍ ପର୍ଯ୍ୟନ୍ତ ଟିକେ ଭାଜି ଦିଅନ୍ତୁ । ସେଥିରୁ ଭାଜିହେବାପରେ ବାସ୍ନା ଆସିଲେ ତାକୁ ଚୁଲିରୁ ଓହ୍ଲେଇ ଆଣି ଏକ ଥାଳିରେ ଖେଳେଇ କରି ରଖିଦିଅନ୍ତୁ ।

କରେଇରେ ହଳଦୀ ଗୁଣ୍ଡ ବ୍ୟତୀତ ବାକୁ ସବୁ ଉପାଦାନକୁ ମିଶାଇ ୩-୪ ମିନଟ ପର୍ଯ୍ୟନ୍ତ ଭାଜନ୍ତୁ । ଉପାଦାନ ସବୁ ଭାଜି ହୋଇଗଲେ, ସେ ସବୁକୁ ଗ୍ରାଇଣ୍ଡରରେ ମିଶେଇ ଗୁଣ୍ଡ କରିଦିଅନ୍ତୁ ଏବଂ

ଏକ ବଡ଼ ଥାଳରେ ଖେଳେଇ କରି ରଖନ୍ତୁ । ଏହାପରେ ସେଥିରେ ହଳଦୀ ଗୁଣ୍ଡ ମିଶେଇ ଭଲଭାବରେ ମିଶାଇ ଦିଅନ୍ତୁ । ବର୍ତ୍ତମାନ ଆମ ଘରେଇ ମସଲା ସମ୍ପୂର୍ଣ୍ଣ ଭାବରେ ତିଆରି ହୋଇଗଲା । ମସଲାକୁ ପବନ ନ ଆସିବା ଭଳି ଟାଇଟ୍ ଖୋଲଥିବା କୌଣସି ଡବାରେ ରଖିଦିଅନ୍ତୁ ।

ମସଲାରେ ପଡ଼ିଥିବା ଉପାଦାନର ଉପକାରିତା : -

ଧନିଆ ଆମ ଖାଦ୍ୟ ହଜମ କରାଏ । ଏହା ଆଣ୍ଠୁଗଣ୍ଠି ବାତରେ କଷ୍ଟ ଉପଶମ କରିବାରେ ମଧ୍ୟ ସହାୟକ । ଏହା ଖାଦ୍ୟରେ ଥିବା ଜୀବାଣୁକୁ ନଷ୍ଟ କରିଥାଏ । ଏବଂ ଶରୀରରେ ଜମା ହେଉଥିବା ଅତିରିକ୍ତ ତୈଳାକ୍ତ ପଦାର୍ଥ କଲେଷ୍ଟ୍ରଲକୁ କମ କରିବାରେ ମଧ୍ୟ ସାହାଯ୍ୟ କରେ ।

ଜୀରା ଖାଦ୍ୟ ହଜମ କରିବା ଶକ୍ତି ବଢ଼ାଏ । ଏହା ବ୍ୟତୀତ ଏହା ଅନେକ ରୋଗରେ କାମଦିଏ, ଯଥା ଏପିଲେପ୍ସି, କ୍ୟାନସର, ଜୀବାଣୁଜନିତ ରୋଗ ଇତ୍ୟାଦି ।

ଶୁଖିଲା ଲଙ୍କାରେ ଭିଟାମିନ୍ ଏ ଆଉ ସି ଥାଏ, ଏହା ଆମ ଶରୀରକୁ ବିଭିନ୍ନ ଔଷଧରୁ ହେଉଥିବା କ୍ଷତିରୁ ରକ୍ଷା କରେ ।  ଏହା କଲେଷ୍ଟ୍ରଲ କମ କରୁଥିବା ହେତୁ ଆମ ଶରୀରକୁ ହୃଦରୋଗରୁ ରକ୍ଷାକରେ ।

ପୋସ୍ତରେ ଥିବା ରସାୟନିକ ତତ୍ତ୍ୱ ଆମକୁ ନିଦ୍ରାରେ ସାହାଯ୍ୟ କରିଥାଏ ଏବଂ ବିଭିନ୍ନ ହୃଦରୋଗରୁ ରକ୍ଷାକରେ ।

ଲବଙ୍ଗ ଆମ ଶରୀରର ବିଭିନ୍ନ ଏଞ୍ଜାଇମ୍ କ୍ଷରଣରେ ସାହାଯ୍ୟ କରି ଶରୀରକୁ ସୁସ୍ଥ ଓ ରୋଗମୁକ୍ତ ରଖେ ।

ଦାଲଚିନି ଦ୍ୱାରା ଖାଦ୍ୟନଳୀରେ ହେଉଥିବା ସଂକ୍ରମଣ ଏବଂ ପରିଶ୍ରାନଳୀରେ ହେଉଥିବା ସଂକ୍ରମଣ ହୁଏ ନାହିଁ । ଏହା ଥଣ୍ଡା ସର୍ଦ୍ଦିପାଇଁ ମଧ୍ୟ ଭଲ କାମ କରେ ।

ଗୁଜୁରାତି, ଜାଇଫଳ, ତେଜପତ୍ର ଆମର ହଜମ ଶକ୍ତି ବଢ଼ାଏ ଏବଂ ରକ୍ତଗ୍ରୁପ ନିୟନ୍ତ୍ରଣରେ ସାହାଯ୍ୟ କରେ । ଏହା ରକ୍ତ ଶର୍କରା ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ ।

ମେଥି ଖାଇଲେ କଲେଷ୍ଟ୍ରଲ୍ କମ ହୁଏ ଏବଂ ଇନ୍‌ସୁଲିନ୍ କ୍ଷରଣ ହୁଏ ।

ହଳଦୀ ଆମ ସଂସ୍କୃତିରେ ପ୍ରତ୍ୟେକ ଶୁଭକାର୍ଯ୍ୟରେ ବ୍ୟବହାର ହୁଏ । ଏଥିରେ ବିଭିନ୍ନ ପ୍ରକାରର ରସାୟନିକ ଦ୍ରବ୍ୟଥାଏ, ଯାହା ଶରୀରର ରୋଗପ୍ରତିଷେଧକ ଶକ୍ତି ବଢ଼ାଏ । ଏବଂ ଏହା ଆମକୁ ଅନେକ ରୋଗରୁ ରକ୍ଷାକରେ ।

ଏହି ସବୁ ଉପାଦାନର ଏତେ ଗୁଡ଼ିଏ ସୁଗୁଣ ଥିବା ହେତୁ ଆମେ ନିଜେ ଘରେ ଏହି ମସଲାକୁ ଭଲ ଉପାଦାନ ବ୍ୟବହାର କରି ତିଆରି କରିଲେ ବ୍ୟବସାୟିକ ଭାବରେ ବିକ୍ରୀ ହେଉଥିବା ନକଲି ଓ ନିମ୍ନମାନର ମସଲାଠାରୁ ଦୂରରେ ରହିପାରିବା । ଏହି ମସଲା ଲେଖିକା ନିଜ ପରିବାରରେ ଅନେକ ବର୍ଷରୁ ପ୍ରସ୍ତୁତ ଓ ବ୍ୟବହାର କରି ଆସୁଛନ୍ତି । ଏହି ମସଲା ଆପଣ ସାଧା / ନିରାମିଷ ଓ ଆମିଷ ସହିତ ବ୍ୟବହାର କରିପାରିବେ ।

ଭୁବନେଶ୍ୱର

# ବୃଦ୍ଧ ଭିକ୍ଷୁକ

ପ୍ରଶାନ୍ତ କୁମାର ନାଥ



ବୃଦ୍ଧ ଜଣେ ବସି ମନ୍ଦିର ଆଗରେ

ମାଗୁଥିଲା ପଗ ଭିକ

ଶୁଖିଲା ମୁହଁ ତା ଦେଖିଦେଲା ପରେ

ଲାଗିଲା ତ ଭାରି ଦୁଃଖ ।

ଚାଲିବାକୁ ତାର ବଳ ପାଉନାହିଁ

ପେଟରେ ନାହିଁ ତା ଦାନା

ଖାଦ୍ୟପାଇଁ ସିଏ ଡହଳ ବକଳ

ପାଟି ମାରୁଥିଲା ଖନା ।

ପଚାରିଲି କେହି ନାହିଁ କି ତୁମର

ମନ୍ଦିରେ ଆସି ବସିଛ ?

ପୁଅ ଝିଅ କେହି ନାହାନ୍ତି କି ତୁମ

ଏତେ ଯେ କଷ୍ଟ ପାଉଛ ?

କହିଲା ବୁଢ଼ାଟା ଖନ ମାର ମାର

ବାହା ମୋର ଝିଅ ପୁଅ

ଝିଅ ଯାଇଅଛି ସୁଦୂର ଦେଶରେ

ଗୃହକରୀ କରେ ମୋ ପୁଅ ।

କେତେ ସାଙ୍ଗସାଥୀ ଘରକୁ ତାହାର

ଆସନ୍ତି ବୁଲିବା ପାଇଁ

ମୋତେ ଦେଖି କାଳେ ଘୃଣା କରୁଛନ୍ତି

ଲାଜ ସେ ପାରେନା ସହି ।

ମରଯା ମରଯା କେତେ ସେ କହିଲା

ମରଣ ଆସିଲା ନାହିଁ

ପୁଅ ଖୁସି ପାଇଁ ଘର ଛାଡ଼ି ଦେଇ

ମନ୍ଦିର ଦୁଆରେ ମୁହିଁ ।

ସୁନ୍ଦରପୁର, ଉତ୍ତରକୂଳ ହାଟ, ପ୍ରୀତିପୁର, ଯାଜପୁର ( ମୋବାଇଲ୍ : ୦୮୮୯୨୩୦୧୧୪୬ )

# ଚଠି...

ବସନ୍ତ କୁମାର ପାଣିଗ୍ରାହୀ



ହଁ, କଣ କହୁଥିଲ ? ବହୁତ କାମ ଅଛି ତୁମର, ଅନେକ କାମ, ବହୁତ ବ୍ୟସ୍ତ ବ ଥାଇପାର । କନ୍ତୁ ଏତେ ବ୍ୟସ୍ତ ବ ନଥିବ, ଯେମିତ ମୋର ଏଇ ଚଠିଟିକୁ ପଢ଼ିପାରବ ନାହିଁ । ସମୟ ମିଳିଲେ ପଢ଼ିବ ନଶ୍ଚୟ । ଜୀବନର ଜଳଛବରେ ଟିକେ ପରଖିବ । ପରଖିବ ପୁଣି ମୋର ସ୍ନେହ, ପ୍ରେମ ଭଲପାଇବାକୁ ଆଉ ପୁଣି ମୋର ସରଳତାକୁ ।

ତୁମେ ଭାବୁଥିବ, ମୁଁ କାହିଁକି ଏତେ ବବ୍ରତ ହେଉଛି ! ହେବନାହିଁ କାହିଁକ ? ତୁମେ ସିନା ବ୍ୟସ୍ତ ଅଛ, ତୁମର ନଜର ନାହିଁ, ସେପଟେ ବର୍ଷଟିଏ ଖସିଯିବ ହାତ ମୁଠାରୁ, ଜୀବନର, ପ୍ରେମର, ଦୁଃଖସୁଖ ଆଉ ଭାବନାର । ବର୍ଷଟାତ ଆଉ ଅଚଳ ପଇସା ନୁହେଁ ଯେ ତାକୁ ଭୁଲିଯିବ । ମୁଁ ଭୁଲିପାରୁନାହିଁ, ତୁମର ଶେଷ ଗୃହାଣିକୁ, ଆଉ ମନରେ ସାଇତ ରଖିଛି ତୁମର ପ୍ରତଶୃତକୁ, କଥା ଦେଇଥିଲ ଆରଥର ନୂଆ ବର୍ଷକୁ ଆସିବ ବୋଲି...

ଜୀବନର ଚଲାପଥରେ ତୁମ ସ୍ମୃତହିଁ ମୋର ସମ୍ବଳ, ଛାଡ଼ିପାରୁନ କ ଭୁଲିପାରୁନ । କେବେ ଗ୍ରୀଷ୍ମର ରୌଦ୍ରତାପରେ ତ କେବେ ଶ୍ରାବଣର ଧାର ବର୍ଷାରେ, କେବେ ପୁଣି କାକର ଟୋପାର ଭିଜା ଭିଜା ବାସନାରେ ମନ ମହକ ଉଠୁଥାଏ । ଓଃ କ ଅପୂର୍ବ ଅନୁଭୂତ, ସତେ ଯେମିତ କଏ ବାଞ୍ଛି ଦେଉଛି ମୁଠା ମୁଠା ଶୀତଳ ଜ୍ୟୋତ୍ସ୍ନା, ଭରଦେଉଛି ମନରେ ଅସରନ୍ତି ଶିହରଣ ।

କନ୍ତୁ ସମୟ କଛ ମନେ ରଖେନା, କାହାକୁ ନଜର କରେନା, ପୁଣି କାହାକୁ ପର ବ କରେନ । ତା'ର ଚୀରସ୍ରୋତା ସୁଅରେ ଭସାଇ ନେଇଯାଏ । ହଜେଇ ଦଏ କାଳଗର୍ଭରେ...

ସାତପର କର ଆଉ କାହା ହାତ ଧର ଚାଲିଯାଇଥିବା ପ୍ରେମିକା ପର, ଏ ବର୍ଷଟି ମୁହଁ ଆଡ଼େଇ ଚାଲିଯିବ ସବୁଦନ ପାଇଁ ।

ଓଃ ମୁଁ ପୁରା ଭୁଲିଯାଇଛି, ତୁମେ ବହୁତ ବ୍ୟସ୍ତ ଲୋକ, ସମୟ ନାହିଁ ତୁମ ପାଖରେ । ତୁମେ ମୋତେ କଣ କହବ ? ତେବେ ମୋର ମଧ କଛ କହବାର ନାହିଁ, କନ୍ତୁ ଯେଉଁ ପଦେ କଥା ବାକ ଅଛି, ତମେ ନ ପଗ୍ଚରଲେ ବ କହବ, ଆଉ ସେଇଟା ହେଲା, 'ପୁଣି ଆସିଛି ନୁଆବର୍ଷ ।'

୯୬/୨୩୦୫, ମହାବୀର ନଗର, ସାମନ୍ତରାପୁର, ଭୁବନେଶ୍ୱର

# ସନ୍ଧ୍ୟା ଭାବନା

ସଂଗ୍ରାମ ମହାନ୍ତି

ଯନ୍ତ୍ରଣା, ଖାଲି ଯନ୍ତ୍ରଣା । ଜୀବନର ମାନେ ହିଁ ଯନ୍ତ୍ରଣା । ଯନ୍ତ୍ରଣାମାନେ ହିଁ ଜୀବନ । ହଁ କେବଳ ଯନ୍ତ୍ରଣା । ଓଃ କି ସାଂଘାତିକ ଯନ୍ତ୍ରଣା । ଆଖିରେ ଆଖିଏ ଲୁହ ହୃଦୟରେ ଅମାପ ବେଦନା ସହିତ ହୃତପିଣ୍ଡର ଅସମ୍ଭବ ଧକ୍ ଧକ୍ । ଲାଗୁଚି ଜୀବନର ଦୀପ ସମୟର ପବନରେ ଲିଭିବା ପାଇଁ ଅଗ୍ରସର ହେଉଛି, କିନ୍ତୁ ନିରବତାର ଶାନ୍ତ ପରିବେଶ ତାକୁ ପୁନର୍ବାର ପ୍ରଜ୍ଜ୍ୱଳିତ କରୁଛି ।

ବାହାରର ପରିବେଶରେ ଅଛି ମାଦକତା, ରସିକତା, ଲୋଭନୀୟତା, ଅନ୍ୟକୁ ଆକର୍ଷଣ କରିବାର କ୍ଷମତା କିନ୍ତୁ ଭିତରଟା ସଂପୂର୍ଣ୍ଣରୂପେ ନୀରବ । ଶୂନ୍ୟତା ନିରବତାର ରାଜ୍ୟ ସ୍ଥାପନ ହୋଇଛି । ହତାଶର ଦୂର୍ଗରେ ସାମନ୍ତବାଦୀ ମନ ଯାହାପାଖରେ ଇନ୍ଦ୍ରୀୟମାନେ ଆଶ୍ରୟ ନେଇଛନ୍ତି, ସେ ବସିଛି । ହତାଶର ଦୂର୍ଗରେ ଆଜି ଏକ ଅବର୍ଣ୍ଣନୀୟ, ଅଚିନ୍ତନୀୟ, ଅଦେଖା ପରିସ୍ଥିତି । ଶାନ୍ତିର ରାଜ୍ୟରେ ନିରବତାର ରାଜ୍ୟରେ ତାକୁ ଗ୍ରହଣ କରିଥିବା ସାମନ୍ତ ମନ ଆଜି କାହିଁପାଇଁ ଦୂର୍ବଳ, ଅଲାଜୁକ, ଡକାୟତ, ଭୀରୁ, ଡରୁଆ ହୋଇଯାଇଛି । ସମୟର ପ୍ରବଳ ବେଗରେ ହତାଶର ଦୂର୍ଗ ତାର ସାମନ୍ତକୁ ଆଜି ଭାରି ପଡୁଛି ।

ଏପରି ଯନ୍ତ୍ର, ବେଦନା, ଅନୁତାପର ଅନ୍ୟନାମ ହିଁ ଜୀବନ କାରଣ ଜୀବନକୁ କେବଳ ଯନ୍ତ୍ରଣାଦ୍ୱାରା ଦେଇହୁଏ ଆଉ ନେଇ ବି ହୁଏ ।

ପୃଥିବୀର ସ୍ଥଳଭାଗରେ ବାସ କରୁଥିବା ପ୍ରତ୍ୟେକ ପ୍ରାଣୀ, ଜୀବଜଗତ ସଂଘର୍ଷରତ । କିଏ ଜୀବନ ପାଇଁ ତ କିଏ ...

ଏହ ଯନ୍ତ୍ରଣା ସତ୍ତ୍ୱେ, ଜୀବନର ରଙ୍ଗହୀନତା ସତ୍ତ୍ୱେ ମୁଁ ଦେଖେ । ତାଙ୍କୁ ଦେଖେ । ହତାଶର ଦୂର୍ଗର ପ୍ରାଚୀର ଭଙ୍ଗିଯାଏ । ମନ ତାର ପ୍ରଜାମାନଙ୍କ ସହ ଗମନ କରେ, ଆନନ୍ଦ ରାଜ୍ୟର ପୁଲକ ନାମକ ଦୂର୍ଗକୁ । କିନ୍ତୁ, ହାୟ... ତାଙ୍କ ମନରେ ମୋ ପ୍ରତି କିଛି ଭାବନା ଥାଉ । ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରେ । ଯେତେବେଳେ ତାଙ୍କୁ ଦେଖେ ଆନନ୍ଦ ରାଜ୍ୟରେ ଶିହରଣ ଖେଳିଯାଏ । ଇନ୍ଦ୍ରୀୟମାନେ ଧାତୁ ସଦୃଶ ତରଳ ଅନ୍ୟ ଏକ ଅବସ୍ଥାରେ ଉପନୀତ ହୁଅନ୍ତି । ଯାହାର ସମଷ୍ଟିରେ ସମାଧି ଅବସ୍ଥା ପ୍ରାପ୍ତ ହୁଏ । ମୁଁ ସମାଧିସ୍ଥ ହୋଇଯାଏ । ତାଙ୍କ ସୌନ୍ଦର୍ଯ୍ୟର ଦର୍ଶନେ ମୋର ମନ ହୁଏ ଅବଶ । ତାଙ୍କ ପାଦ ଯୁଗଳ ଦେଖିଲେ ମୋର ଅନ୍ତରରେ ପଦ୍ମ ପ୍ରକାଶିତ ହୁଏ । ତାଙ୍କ ଚାଲିବାର ଶୈଳୀରେ କିପରି ଗୋଟିଏ ମାଦକତା ଭରିଯାଏ । ମୁଣ୍ଡ ନଇଁଯାଏ । ଆଖି ଦୁଇଟା ଭୂମିଷ୍ଠ ହୁଅନ୍ତି । ଶରୀରରେ ମସ୍ତିଷ୍କର ଆଦେଶ କାମ କରେନା । ଧମନୀରେ ରକ୍ତ ପ୍ରବାହ ସ୍ଥିର ହୋଇଯାଏ ।

ଠିକ୍ ଯେପରି ଝଡ଼ ଆସିବାର ସଙ୍କେତ । ସିଏ ଚାଲିଗଲାପରେ ଆସେ ଘୋଟି କଳାବାଦଲ ନିରାଶାର, ଅନେକ ଆଶାର, ଆନନ୍ଦର ରାଜ୍ୟ ଉପରକୁ ମନ ପଳାୟନ କରେ ତାଙ୍କର ପଛରେ ।

ଜୀବନ ନାମକ ଶୀର୍ଷକ ତଳେ ମୋ ପାଇଁ କଣ ଲେଖାଯାଇଛି ? ଜାଣେ ନାହିଁ । କିନ୍ତୁ ଏତିକି ଜାଣେ ଏହା ନିଶ୍ଚୟ ଅନୁତାପର ଦାରିଦ୍ର୍ୟ ।

ସମୁଦ୍ରକୂଳର ସୁନ୍ଦର ବାଲି ଉପରେ ଶରୀରର ଭାର ଲଦିଦେଇ ,ଏକ ମୁକ୍ତ ବିହଙ୍ଗପରି ମନକୁ ଉଡ଼ାଇଦେଇ, ଅନ୍ତରରେ ଶାନ୍ତିର ବହ୍ନି ପ୍ରଜ୍ୱଳିତ କରିବାପାଇଁ ଏକାନ୍ତରେ ବସି ଉପଭୋଗ କରୁଛି ସୂର୍ଯ୍ୟାସ୍ତର ଦୃଶ୍ୟ । ଆହାଃ, କେଡ଼େ ସୁନ୍ଦର ସେ ଦୃଶ୍ୟ । ସୂର୍ଯ୍ୟର ସୁନେଲି କିରଣ, ସମୁଦ୍ରର ନୀଳ ଜଳରାଶି, କୂଳରେ ପିଟି ହୋଇ ଫେଣପରି ହୋଇଯାଉଥିବା ଢେଉ, ପକ୍ଷୀମାନଙ୍କ ଗୃହାଭିମୁଖେ ଗମନ, ପ୍ରାକୃତିକ କୋଳାହଳ ମନରେ ଏକ ପ୍ରକାର ସଂଶୟ ସୃଷ୍ଟିକରେ । ସତେ ଅବା ମୁଁ ସ୍ୱପ୍ନ ଦେଖୁ ନାହିଁ

ତ ? ମନକୁ ମନ ଏମିତ ଅନେକ ପ୍ରଶ୍ନ ଭାବନାର ସମୁଦ୍ରରେ ଢେଉ ରୂପରେ ଆସି କୋଳାହଳ ରୂପକ କୂଳରେ ଧକ୍କାଖାଇ ପୁନର୍ବାର ଭାବନାର ଗଭୀରତମ ପ୍ରଦେଶକୁ ଫେରଯାଉଛ ।

ସନ୍ଧ୍ୟା ସମୟ ଉପନୀତ । ପାଖ ମନ୍ଦିରର ଘଣ୍ଟଘଣ୍ଟି ଧ୍ୱନୀ, ନାରୀମାନଙ୍କ ସମ୍ମିଳତ ସ୍ତୋତପଠନ । ଏକ ଐଶ୍ୱରୀକ ଶକ୍ତିର ଅନୁଭବରେ ନଜର ଭାବନା ରାଜ୍ୟରୁ ଫେର ବାସ୍ତବତାର ରାଜ୍ୟକୁ ଆସିବାକୁ ହେଲା । ଏଥିପାଇଁ ତାକୁ ଫେରବାକୁ ହେଲା ସଂସାରକୁ, ଜୀବନକୁ ଆଉ ପୁନର୍ବାର ପଦସ୍ଖଳନା ଦ୍ୱାରା କଛ ଅତକ୍ରମ କରବାକୁ ହେବ ଜୀବନ ପଥର...

# ବଞ୍ଚିବାର ପ୍ରୟାସ

ନୀଳିମା ନିବେଦିତା ବେହେରା



ନିଜକୁ ଆକଟ କରି ରଖିବା

ସତ୍ୟକୁ ଅସତ୍ୟ ମଣିବା

କଠିନ ନୁହେଁ ବଡ଼ ରୁକ୍ଷ ଥିଲା,

ବୈଶାଖର ତାତି ଭିତରେ

ତୁମ ନିଃଶ୍ୱାସର ଉଷ୍ମତା

ପୁଣିସବୁ ଖୋଲିଦେଲା...

ମେଲି ଉଠିଲା ସମସ୍ତ ଆପଣାର ପଣ

ଜଳି ଜଳି ହେଇ ଚେଇଁ ଉଠିଲା

ଆକଟରେ ଥିବା କୁନି ହୃଦୟଟା ମୋର

ତୁମ ବାହୁରେ ନିଜକୁ ହଜାଇବା

ଅବା ଉନ୍ମାଦନାକୁ ରୁଦ୍ଧ କରିବା

ଗୋଟାଏ କୁ ବାଛିବା ସ୍ୱାଭାବିକ ଥିଲା;

ନିଜ ଛାଇ ସାଥେ ଲଢ଼ିବା

ଶ୍ୱାସଠାରୁ ନିଜକୁ ଦୂରେଇ ରଖିବା

ଜଟିଳ ନୁହେଁ ପ୍ରକୃତ ପକ୍ଷେ ସମ୍ଭବ ନଥିଲା

ଅତୀତର ପିଟଗ୍ ଭିତରେ

ସ୍ମୃତର ଜଦ୍‌ଖୋର ଭ୍ରବଟା

ପ୍ରଜ୍ଞାଘାଟରେ କବର ନେଲା,

ଚହଙ୍କି ଉଠିଲା ଅନ୍ତର୍ନିହିତ ମୁକ୍ତିର ସ୍ୱର

ଝଲମଲ ହୋଇ ସ୍ପଷ୍ଟ ଦଶିଲା,

ଅଭେଦ୍ୟ ରହିଥିବା ସଚେତନତା ମନର

ପୁଣିଥରେ ଉନ୍ମୁକ୍ତ ହେବା

ସରଳତାରେ ସମ୍ଭାବନା ଯୋଡ଼ିବା

ଆଉ ଥରେ ବଞ୍ଚିବାର ପ୍ରୟାସ ଥିଲା

ଶିମିଳପଡ଼ା, ଅନୁଗୁଳ

# ଗୁରୁ ସନ୍ଦେଶ

ଜଣେ ଅଧ୍ୟାପକ ନିଜ ଶ୍ରେଣୀ ଗୃହରେ ବସିଥିବା ଅନେକ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ କିଛି ପ୍ରଶ୍ନ ପଚାରିଲେ । ତାହା ଏହିପରି ;

୧. ମହାକାଶକୁ ଯାଇଥିବା ପ୍ରଥମ ପାଞ୍ଚଜଣ ବ୍ୟକ୍ତିଙ୍କ ନାମ କଣ ଥିଲା ?

୨. ବିଶ୍ୱର ସବୁଠାରୁ ଧନୀ ପାଞ୍ଚଜଣ ବ୍ୟକ୍ତିଙ୍କ ନାମ କଣ ?

୩. ବିଗତ ବର୍ଷ ନୋବେଲ୍ ପୁରସ୍କାର ପାଇଥିବା ଦଶଜଣ ବ୍ୟକ୍ତିଙ୍କ ନାମ କଣ ?

୪. ମିସ୍ ୟୁନିଭର୍ସ ପ୍ରତିଯୋଗୀତାରେ ସଫଳ ହୋଇଥିବା ପାଞ୍ଚଜଣ ମହିଳାଙ୍କ ନାମ କଣ ?

ଆପଣ ଏହି ସବୁ ପ୍ରଶ୍ନରୁ କେତୋଟି ପ୍ରଶ୍ନର ସଠିକ ଉତ୍ତର ଦେଇ ପାରିବେ ?

ଏହା କହିବାର ଉଦ୍ଦେଶ୍ୟ ଏହି କି ଯେ ଆମେ କେହି ବି ଏମାନଙ୍କୁ ମନେ ରଖିନାହୁଁ । ସମ୍ବାଦପତ୍ରର ଶିରୋନାମା ମଣ୍ଡନ କରୁଥିବା ଅନେକ ସମ୍ବାଦ ଆମେ କେବେ ବି ମନେ ରଖୁନାହୁଁ ।

ଯଦିଓ ସେମାନେ ନିଜ ନିଜ କ୍ଷେତ୍ରରେ ସଫଳ ହୋଇଥାଇ ପାରନ୍ତି ।

କାରଣ ପୁରସ୍କାରକୁ ଲୋକ ଭୁଲିଯାଆନ୍ତି, ସମ୍ମାନ ଓ ଗୌରବ ଆଣିଦେବା ଭଳି କୃତିତ୍ୱ ବି ମନେ ରହେନାହିଁ । ଏବେ ଅଧ୍ୟାପକ ଆଉ କିଛି ପ୍ରଶ୍ନ ପଚାରିଲେ । ଯାହା ଏହିପରି;

୧. ପାଞ୍ଚଜଣ ଶିକ୍ଷକଙ୍କ ନାମ କୁହ ଯେଉଁମାନେ ତୁମକୁ ସ୍କୁଲରେ ସବୁଠାରୁ ଅଧିକ ଶିକ୍ଷା ଦେଇଥିଲେ ।

୨. ପାଞ୍ଚଜଣ ବନ୍ଧୁଙ୍କ ନାମ କୁହ ଯେଉଁମାନେ ତୁମକୁ ସବୁବେଳେ ସହାୟତା କରିଛନ୍ତି ।

୩. ପାଞ୍ଚଜଣ ଲୋକଙ୍କ ନାମ କୁହ ଯେଉଁମାନେ ତୁମକୁ ବହୁତ ପ୍ରଭାବିତ କରିଛନ୍ତି ।

୪. ପାଞ୍ଚଜଣ ବ୍ୟକ୍ତିଙ୍କ ନାମ କୁହ ଯେଉଁମାନେ ତୁମକୁ ସ୍ନେହ ଓ ଆଦର କରିଛନ୍ତି ।

୫. ପାଞ୍ଚଜଣ ବ୍ୟକ୍ତିଙ୍କ ନାମ କୁହ ଯେଉଁ ମାନଙ୍କ ସହ ତୁମେ ସମୟ ବିତେଇବାକୁ ଭଲ ପାଅ ।

ସହଜ ଲାଗିଥିବ । ନା' କଣ ?

ଯେଉଁ ବ୍ୟକ୍ତିମାନେ ତୁମ ଜୀବନକୁ ପ୍ରଭାବିତ କରନ୍ତି ସେମାନେ ହୁଏତ ନୋବେଲ୍ ପୁରସ୍କାର ପାଇ ନଥାନ୍ତି କିମ୍ବା ବହୁତ ବଡ଼ କୃତିତ୍ୱର ଅଧିକାରୀ ହୋଇ ନ ପାରନ୍ତି, କିମ୍ବା ସେମାନଙ୍କ ପାଖରେ ଅଜସ୍ର ଧନ ନଥାଇ ପାରେ ।

ଜୀବନ ବହୁତ ସାଧାରଣ ଲୋକଙ୍କ ଦ୍ୱାରା ହିଁ ଭର୍ତ୍ତି, ଯେଉଁମାନେ ତୁମ ଜୀବନକୁ ପ୍ରଭାବିତ କରନ୍ତି, ଆଉ କେବଳ ସେହିମାନଙ୍କ ଦ୍ୱାରା ହିଁ ତୁମ ଜୀବନ ଉନ୍ନତ ହୋଇପାରେ ।

ସେମାନଙ୍କୁ ଭଲ ପାଅ । ସେମାନଙ୍କୁ ସ୍ନେହ ଓ ଶ୍ରଦ୍ଧାରେ ବାନ୍ଧିରଖ ।

ବେଳେ ବେଳେ ସାଧାରଣ ହେବା ମଧ୍ୟ ଏକ ବିଶେଷତ୍ୱ ହୋଇଥାଏ ।

( ହ୍ୱାଟ୍ସ ଆପ୍‌ରେ ପାଇଥିବା ଏକ ସନ୍ଦେଶର ଓଡ଼ିଆ ଭାଷାନ୍ତରଣ ଓ ଉପସ୍ଥାପନ )

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ପିକେ !!! ହୈଁ କ୍ୟା ??

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ



ବର୍ଷ ୨୦୧୪ର ଶେଷମାସରେ ରିଲିଜ୍ ହୋଇଥିବା ଚଳଚ୍ଚିତ୍ର 'ପିକେ'ରେ ସମସ୍ତ ଚରିତ୍ର ମୁଖ୍ୟ ଚରିତ୍ରରେ ଥିବା ଅମୀର ଖାନଙ୍କୁ ପିକେ ହେ କ୍ୟା ? ଅର୍ଥାତ (ମଦ) ପିଇ ଦେଇଛୁ କି ? ବୋଲି ପ୍ରଶ୍ନ କରୁଥିବାର ଦେଖାଯାଏ । ହେଲେ ଆମର ଚର୍ଚ୍ଚାର ବିଷୟ ସାମାନ୍ୟ ଅଲଗା । ଆମେ କହୁଛୁ, 'ପିକେ ? ହେ କ୍ୟା ??' ଅର୍ଥାତ, ପିକେ ପ୍ରକୃତରେ କଣ ? ଏହା କୌଣସି ବିଜ୍ଞାନ ସମ୍ମତ ଉପସ୍ଥାପନା ନୁହେଁ, କିମ୍ବା କୌଣସି ନିଷ୍ପତ୍ତି ନୁହେଁ, ଏହା କେବଳ ଚଳଚ୍ଚିତ୍ରକୁ ଆଧାର କରି ଆମର ବ୍ୟକ୍ତିଗତ ଏବଂ ସ୍ଥଳବିଶେଷରେ ଅନେକ ବ୍ୟକ୍ତିଙ୍କ ମତକୁ ବ୍ୟକ୍ତ କରିବା ଉଦ୍ଦେଶ୍ୟରେ ଲିଖିତ ଏକ ପ୍ରବନ୍ଧ ମାତ୍ର । ଏହା ଦ୍ୱାରା ଯଦି କାହାର ଭାବନାକୁ ଆଘାତ ମିଳୁଥାଏ, ତେବେ ସେଥିପାଇଁ ମୁଁ ବ୍ୟକ୍ତିଗତ ଭାବେ କ୍ଷମାପ୍ରାର୍ଥୀ ।

ଏହି ଚଳଚ୍ଚିତ୍ରକୁ ନେଇ ଅନେକ ଘଟଣା ଦୁର୍ଘଟଣା ବିଗତ ଦୁଇ ସପ୍ତାହରୁ ଅଧିକ ସମୟ ହେବ ଚାଲିଛି, ଏବଂ ଏହା ସତ୍ତ୍ୱେ ଏହି ବିବାଦାସ୍ପଦ ଚଳଚ୍ଚିତ୍ର ହିନ୍ଦୀ ସିନେମାର ଅର୍ଥନୀତିରେ ସବୁଠାରୁ ଲାଭଜନକ ଚଳଚ୍ଚିତ୍ର ଭାବରେ ତିନିଶହ କୋଟିରୁ ଅଧିକ ଧନ ଅର୍ଜନ କରିସାରିଲାଣି ।

ପିକେ ନାମକ ଏହି ଚଳଚ୍ଚିତ୍ର ରିଲିଜ ହେବା ବହୁ ପୂର୍ବରୁ ଚର୍ଚ୍ଚାରେ ରହି ଆସିଥିଲା, ଯେତେବେଳେ ଏହି ଚଳଚ୍ଚିତ୍ରର ପୋଷ୍ଟରରେ ମୁଖ୍ୟ ନାୟକ ଅମୀର ଖାନଙ୍କୁ ସମ୍ପୂର୍ଣ୍ଣ ଭାବେ ନଗ୍ନ ରୂପରେ ଦେଖାଯାଇଥିଲା । ମିଡ଼ିଆରେ ଲୋକପ୍ରିୟତା ପାଇବା ପାଇଁ ହୁଏତ ନିର୍ମାତାଙ୍କ ଏହା ଏକ ପନ୍ଥା ହୋଇଥାଇପାରେ । କାରଣ ଚଳଚ୍ଚିତ୍ରଟି ଦେଖିବା ପରେ ସେଥିରେ ଏହି ଚିତ୍ରର ଉପସ୍ଥିତି ଅତ୍ୟନ୍ତ ଗୌଣ ଲାଗୁଥିଲା । ଯାହା ହୁଏତ ନିର୍ମାତା ଓ ନିର୍ଦ୍ଦେଶକ ଚାହିଁଥିଲେ ଏଡ଼ାଇ ଯାଇପାରିଥାନ୍ତେ ।

ଚଳଚ୍ଚିତ୍ରଟି ବିବାଦମଧ୍ୟକୁ ଆସିବାର କିଛି କାରଣ ଏଠାରେ ଉପସ୍ଥାପନ କରିବା ଉଚିତ ହେବ ବୋଲି ମନେ କରୁଛି । ପ୍ରଥମତଃ ଏହି ଚଳଚ୍ଚିତ୍ରରେ ଅନେକ ଲୋକଙ୍କ ଧାର୍ମିକ ଭାବନାକୁ ଆଘାତ ପହଞ୍ଚାଇବା ଭଳି ଦୃଶ୍ୟମାନ ରହିଛି ବୋଲି ଆପତ୍ତି ହୋଇଥିଲା । ପରେ ପରେ ଏହି ଚଳଚ୍ଚିତ୍ର ହିନ୍ଦୁ ଧର୍ମକୁ ନ୍ୟୁନ କରି ଦେଖାଇବାର ଏକ ପ୍ରୟାସ ବୋଲି ଅନେକ ମତ ଦେଲେ । ଅବସ୍ଥା ଏମିତି ବି ହେଲା ଯେ ଅନେକ ସ୍ଥାନରେ ବଜରଙ୍ଗ ଦଳ ସମେତ ଅନେକ ଧାର୍ମିକ ସଂଗଠନ ମାନେ ଆନ୍ଦୋଳନର ପନ୍ଥା ଆପଣେଇଲେ । ସ୍ଥାନେ ସ୍ଥାନେ ଚଳଚ୍ଚିତ୍ରର ପ୍ରଦର୍ଶନକୁ ବ୍ୟାଘାତ କରିବାକୁ ଚେଷ୍ଟା କରାଗଲା । ସିନେମା ହଲଭିତରେ ପ୍ରବେଶ କରି ବିରୋଧ ପ୍ରଦର୍ଶନ ସମେତ, ପ୍ରେକ୍ଷାଳୟ ମାନଙ୍କୁ ପ୍ରଭୂତ କ୍ଷତି ସହିବାକୁ ପଡ଼ିଲା । ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଏବଂ ତତ୍‌ସମ୍ବନ୍ଧୀତ କିଛି ରାଜନୈତିକ ଗୋଷ୍ଠୀ ଏହି ଚଳଚ୍ଚିତ୍ରର ବିରୋଧ କରି ଅଦାଲତର ଆଶ୍ରୟ ମଧ୍ୟ ନେଇଥିଲେ । କିନ୍ତୁ ଆଶ୍ଚର୍ଯ୍ୟଜନକ କଥା ଭାରତୀୟ ଜନତା ପାର୍ଟିର ପ୍ରମୁଖ ନେତା ଶ୍ରୀ ଲାଲକୃଷ୍ଣ ଆଡ଼ଭାନୀ ଏହି ଚଳଚ୍ଚିତ୍ରର ଭୁୟସୀ ପ୍ରଶଂସା କରି କହିଲେ ଏହା ପ୍ରତ୍ୟେକ ଭାରତୀୟ ଦେଖିବା ଉଚିତ । ତଥାପି ଅନେକ ଧାର୍ମିକ ସଂଘ ଓ ସଂଗଠନ ଏହି ଚଳଚ୍ଚିତ୍ରକୁ ବିରୋଧ କରିବା ଅଦ୍ୟାବଧି ଜାରୀ ରହିଛି ।

ବିରୋଧ ଓ ଆନ୍ଦୋଳନ ହେତୁ ଏହି ଚଳଚ୍ଚିତ୍ରର ପ୍ରଚାର ବି ବହୁତ ଭଲ ଭାବରେ ହେଲା । ନ ଦେଖିବା ଲୋକମାନେ ମଧ୍ୟ ସିନେମା ହଲକୁ ଯାଇ ଏଇ ଚଳଚ୍ଚିତ୍ରକୁ ଦେଖିବାକୁ ଚାହିଁଲେ । ଏହି ସବୁ କଥାକୁ ଆଖି ଆଗରେ ରଖି ଉତ୍ତରପ୍ରଦେଶ ଓ ବିହାର ସରକାର ଚଳଚ୍ଚିତ୍ର ଉପରୁ ଟିକସ ପ୍ରତ୍ୟାହାର କରିନେଲେ । ଶେଷରେ ଅନେକ ଧର୍ମଗୁରୁମାନଙ୍କୁ ମଧ୍ୟ ଏହି ଚଳଚ୍ଚିତ୍ରକୁ ଦେଖାଇବାର ବିଶେଷ ବ୍ୟବସ୍ଥା କରାଗଲା, କିନ୍ତୁ ସେମାନଙ୍କ କ୍ରୋଧକୁ ଶାନ୍ତ କରିବା ସମ୍ଭବ ହେଲାନାହିଁ । ତା'ହେଲେ ଏମିତି କଣ ଅସୁବିଧା ଥିଲା ଏହି ଚଳଚ୍ଚିତ୍ରରେ ? କାହିଁକି ଏହା ଏତେ ବିବାଦରେ ପଡ଼ିଲା ।

ଆସନ୍ତୁ ସଂକ୍ଷିପ୍ତରେ ଜାଣିବା ଚଳଚ୍ଚିତ୍ରରେ ଥିଲା କଣ :-

ଆରମ୍ଭରେ ନାୟିକା ଅନୁଷ୍କା ଶର୍ମା ବିଦେଶରେ ପଢୁଥିବା ସମୟରେ ଜଣେ ପାକିସ୍ତାନୀ ପୁଅର ପ୍ରେମରେ ପଡ଼ିଯାଇ ନିଜ ପରିବାରର ବିରୋଧ ସତ୍ତ୍ୱେ ବିବାହ କରିବାପାଇଁ ନିଷ୍ପତ୍ତି ନିଅନ୍ତି, କିନ୍ତୁ ପରିସ୍ଥିତିରେ ପଡ଼ି ବିବାହ ହୋଇପାରେ ନାହିଁ ।

ଏହାର କିଛି ଦିନପରେ ସେ ଯେତେବେଳେ ଭାରତରେ ଫେରି କୌଣସି ଏକ ନ୍ୟୁଜ୍ ଚ୍ୟାନେଲରେ କାମ କରୁଥାନ୍ତି ସେଇ ସମୟରେ ରାଜସ୍ଥାନର ଏକ ନିଭୃତ ଅଞ୍ଚଳରେ ଏକ ଉଡ଼ନ୍ତା ଥାଳିଆ ପରି ଯାନରୁ ପ୍ରକଟ ହୁଅନ୍ତି ନାୟକ ଅମୀର ଖାନ, ଏବଂ ତାଙ୍କର ପୃଥିବୀ ଉପରେ ପ୍ରଥମ ଦିନରେ ହିଁ ସେ ଫେରିବାପାଇଁ ଆବଶ୍ୟକ ରିମୋଟ୍ ଟି ଜଣେ ଚୋର ଲୁଣ୍ଠନ କରିନିଏ । ଫେରିବାର ରାସ୍ତା ହରେଇ ସେ ରିମୋଟ୍ ପାଇବାପାଇଁ ବିଭିନ୍ନ ଉପାୟ ଖୋଜୁଥିବା ବେଳେ ଭଗବାନଙ୍କ ବିଷୟରେ ଜାଣିବାକୁ ପାଆନ୍ତି ଏବଂ ସେ ବିଭିନ୍ନ ସମୟରେ ବିଭିନ୍ନ ପ୍ରକାରର ଉପାୟରେ ଭଗବାନଙ୍କୁ ଖୁସି କରି ନିଜ ରିମୋଟ୍ ପାଇବାପାଇଁ ପ୍ରାର୍ଥନା କରନ୍ତି ଏବଂ ଏଇ ସମୟରେ ସେ ଉପଲବଧି କରନ୍ତି ଯେ ଭଗବାନଙ୍କ ନାଁ କହି କିଛି ଲୋକ (ଧର୍ମଗୁରୁ) ନିଜକୁ ଭଗବାନ ବୋଲି କହୁଛନ୍ତି, ଏବଂ ଚଳଚ୍ଚିତ୍ରରେ ଶେଷରେ ସେ ଏହିପରି ଠକ ଧର୍ମଗୁରୁଙ୍କୁ ସର୍ବସମ୍ମୁଖରେ ପ୍ରମାଣିତ କରନ୍ତି । ସଂକ୍ଷିପ୍ତରେ ଏହାହିଁ ଚଳଚ୍ଚିତ୍ରର ବିଷୟବସ୍ତୁ ।

ପାଠକ ମାନେ ହୁଏତ ମନେ ରଖିଥାଇ ପାରନ୍ତି ଯେ ବିଗତ ବର୍ଷ ଏହି ବିଷୟ ସମ୍ବଳିତ ଆଉ ଗୋଟିଏ ଚଳଚ୍ଚିତ୍ର ଓହ୍ ମାଇଁ ଗଡ୍ ମଧ୍ୟ ଆସିଥିଲା । ସେଥିରେ ମଧ୍ୟ ଏହି ସମରୂପ ବିଷୟକୁ ନେଇ ଚଳଚ୍ଚିତ୍ରଟି ନିର୍ମାଣ ହୋଇଥିଲା । ନିର୍ମାଣ ଏବଂ କାହାଣୀ ଦୃଷ୍ଟିରୁ ପିକେ ଓହ୍ ମାଇଁ ଗଡ଼ ସମକକ୍ଷ ନ ହେଲେ ସୁଦ୍ଧା ବାଦବିବାଦରେ ରହିବା ହେତୁ ଏହା ତିନିଶହ କୋଟି ଟଙ୍କାର ବ୍ୟବସାୟ କରିପାରିଲା କହିଲେ ଅତ୍ୟୁକ୍ତି ହେବ ନାହିଁ । ସ୍ଥଳ ବିଶେଷରେ ଏହି ଚଳଚ୍ଚିତ୍ର ଖାପଛଡ଼ା ମଧ୍ୟ ଲାଗିଲା । ପାଠକଙ୍କ ଅବଗତି ନିମନ୍ତେ ଜଣାଇ ଦେବା ଉଚିତ ମନେ କରୁଛି, ଏହି ଚଳଚ୍ଚିତ୍ରର ଅନ୍ତର୍ନିହିତ ମତ ଯଦିଓ ଏକ ସୁନ୍ଦର ଉପସ୍ଥାପନା ତଥାପି ସଂପୂର୍ଣ୍ଣ ଚଳଚ୍ଚିତ୍ରରେ ଅନେକ ତ୍ରୁଟି ରହିଥିବାରୁ ଏହାକୁ ଏକ ଭଲ ଚଳଚ୍ଚିତ୍ରରେ ମୁଁ ଗଣନା କରେନାହିଁ ।

ବର୍ତ୍ତମାନ ଏହି ଚଳଚ୍ଚିତ୍ରରେ ଉଠିଥିବା କିଛି ଆପତ୍ତି ବିଷୟରେ ଜାଣିବା:- (ଏହା ସବୁ ବିଭିନ୍ନ ବ୍ୟକ୍ତି ବା ସଂଗଠନଙ୍କ ଦ୍ୱାରା କୁହାଯାଇଛି ।)

୧. ଚଳଚ୍ଚିତ୍ରର ପ୍ରାରମ୍ଭରେ ନାୟିକା ପାକିସ୍ତାନୀ ପୁଅ ସହ ପ୍ରେମରେ ପଡ଼ିଥିବା ହେତୁ ଏଠାରେ ପାକିସ୍ତାନର ପ୍ରଶଂସା କରାଯାଇଛି ।

୨. ଭଗବାନ ହଜଯାଇଛନ୍ତି ବୋଲି କହି ନାୟକ ପିକେ ବାଣ୍ଟୁଥିବା ସମସ୍ତ କାଗଜରେ କେବଳ ହିନ୍ଦୁ ଧର୍ମର ଦେବୀ ଦେବତା ହିଁ ଦେଖାଯାଉଛନ୍ତି ।

୩. ନିଜର ହଜିଯାଇଥିବା ରିମୋଟ୍ ପାଇବା ପାଇଁ ପିକେ ଗଙ୍ଗାରେ ସ୍ନାନ କରିବା ପରେ ରିମୋଟ୍ ନ ମିଳିବା ହେତୁ ହତୋତ୍ସାହିତ ହେବା ଦୃଶ୍ୟ ଦ୍ୱାରା ସର୍ବସାଧାରଣଙ୍କ ଧାର୍ମିକ ଭାବନାକୁ ଆଘାତ ଲାଗିଛି ।

୪. ଚଳଚ୍ଚିତ୍ରର ଏକ ଦୃଶ୍ୟରେ ଭଗବାନ ଶିବଙ୍କ ଅଭିନୟ କରୁଥିବା ଏକ ବ୍ୟକ୍ତିକୁ ଭଗବାନ ବୋଲି ଭାବି ପିକେ ତାଙ୍କୁ ଗୋଡ଼ାଇବାର ଦୃଶ୍ୟ ସମ୍ପୂର୍ଣ୍ଣ ଭାବେ ଏକ ଅପମାନ । ପିକେର ଭୟରେ ଶିବ ବେଶଧାରୀ ବ୍ୟକ୍ତି ଜଣକ ଚେୟାର ପଛରେ ନଇଁ ନଇଁ ଲୁଚିବା ଦେଖାଯାଇଛି ।

୫. ଚଳଚ୍ଚିତ୍ରରେ ପିକେ କେବଳ ହିନ୍ଦୁ ବାବାମାନଙ୍କୁ ହିଁ ଆକ୍ଷେପ କରିଛି ।

୬. ଏହି ଚଳଚ୍ଚିତ୍ରରେ ଅନ୍ୟ କୌଣସି ଧର୍ମ ବିରୋଧରେ ସେମିତି କୌଣସି ଆପତ୍ତି କରାଯାଇନାହିଁ ।

୭. ଚଳଚ୍ଚିତ୍ରରେ ଶେଷ ଭାଗରେ ପିକେ ଜଣେ ପ୍ରତିଷ୍ଠିତ ହିନ୍ଦୁ ଗୁରୁଙ୍କୁ ଚ୍ଛେଟ ବୋଲି ପ୍ରମାଣିତ କରିବାର ଦୃଶ୍ୟ ରହିଛି ।

୮. ଗୋଟିଏ ଦୃଶ୍ୟରେ ପିକେ କହୁଛି, 'ଜୋ ଡରତା ହେ, ୱହି ମନ୍ଦିର ଯାତା ହେ ।' ଅର୍ଥାତ ଯେ ଡରେ ସେ ହିଁ ମନ୍ଦିର ଯାଏ ।

୯. ଗୋଟିଏ ଦୃଶ୍ୟରେ ଦେଖାଯାଉଛି ଯେ ଲୋକମାନେ ଅନ୍ଧଭାବରେ ଏକ ପଥରକୁ ପୂଜା କରୁଛନ୍ତି ।

୧୦. ମାଡ଼ରୁ ବଞ୍ଚିବାପାଇଁ ନିଜ ଗାଲରେ ଭଗବାନଙ୍କ ପ୍ରତିଛବିକୁ ଲଗାଇବା ।

ଏତଦ୍‌ବ୍ୟତୀତ ଆହୁରି ଅନେକ ଦୃଶ୍ୟ ବିଷୟରେ ମଧ୍ୟ ଆପତ୍ତିମାନ କରିଛନ୍ତି ବିଭିନ୍ନ ସଂଗଠନ । ମୋଟାମୋଟି ଭାବରେ ଦେଖିଲେ ଏହି ଚଳଚ୍ଚିତ୍ରରେ ଥିବା ହିନ୍ଦୁ ଧର୍ମର ଅନେକ ଅନ୍ଧବିଶ୍ୱାସ ବିଷୟରେ ହିଁ କୁହାଯାଉଛି, କିନ୍ତୁ ଅନ୍ୟ କୌଣସି ଧର୍ମର ଅନ୍ଧବିଶ୍ୱାସ ବିଷୟରେ କିଛି କୁହାଯାଉନାହିଁ ବୋଲି ଆପତ୍ତି କରାଯାଉଛି ।

ଉପରୋକ୍ତ ସମସ୍ତ ଅଭିଯୋଗର ସତ୍ୟତା ଉପରେ କିଞ୍ଚିତ୍ ଦୃଷ୍ଟିପାତ କରିବାର ଧୃଷ୍ଟତା କରୁଛି ।

ପ୍ରଥମତଃ ଭାରତ ଏବଂ ପାକିସ୍ତାନକୁ ଛାଡ଼ିଦେଲେ ବିଶ୍ୱର ଯେ କୌଣସି ଦେଶରେ ବି ଯଦି କୌଣସି ସ୍ଥାନରେ ଭାରତୀୟ ଏବଂ ପାକିସ୍ତାନୀଙ୍କ ସାକ୍ଷାତ ହୁଏ ତେବେ ତାହା ଶାନ୍ତିପୂର୍ଣ୍ଣ ଏବଂ ବନ୍ଧୁତ୍ୱପୂର୍ଣ୍ଣ ହୁଏ ବୋଲି ଆମ ଧାରଣା । ଏହାର ଉଦାହରଣ ଆମେ ଅତୀତର ଏକ ଚଳଚ୍ଚିତ୍ର 'ଆ ଅବ୍ ଲୌଟ୍ ଚଲେ'ରେ ଦେଖିବାକୁ ପାଇଥିଲୁ । ତେଣୁ ଦେଶ ବାହାରେ ଯଦି ଜଣେ ଭାରତୀୟ ଯୁବତୀ ଜଣେ ପାକିସ୍ତାନୀ ଯୁବକରେ ପ୍ରେମରେ ଆବଦ୍ଧ ହେଲା ତାହା ଆପତ୍ତି ଜନକ ହେବା ଅନୁଚିତ ବୋଲି ଆମେ ମତ ଦେଉ । ଆଉ ଏହାଦ୍ୱାରା ପାକିସ୍ତାନର ଗୌରବମଣ୍ଡନ ହେଉଥିବା ଆପତ୍ତି ସମ୍ପୂର୍ଣ୍ଣଭାବେ ଅମୂଳକ ଲାଗେ ।

ଏହା ସତ୍ୟ ଯେ ଚଳଚ୍ଚିତ୍ରରେ ନାୟକ ପିକେ ଭଗବାନଙ୍କୁ ଖୋଜିବା ପାଇଁ ଭଗବାନଙ୍କ ଚିତ୍ର ସମ୍ମିଳିତ ପୋଷ୍ଟର ବାଣ୍ଟୁଥିବାର ଦେଖାଯାଉଛି ଏବଂ ସେଥିରେ ସେ କେବଳ ହିନ୍ଦୁ ଦେବୀ ଦେବତାଙ୍କ ଛବି ହିଁ ଆଙ୍କିଥିବା ଦେଖାଯାଉଛି । ଏହାର ଗୋଟିଏ କାରଣ ଏହା ହୋଇପାରେ ଯେ ଇସଲାମ୍ ଧର୍ମାବଲମ୍ବୀମାନେ ଛବି କିମ୍ବା ମୂର୍ତ୍ତିକୁ ପୂଜା କରନ୍ତି ନାହିଁ, ତେଣୁ ସେମାନେ ଆଲ୍ଲାଙ୍କ କୌଣସି ଛବି ପୂଜା କରନ୍ତି ନାହିଁ, ସେଇଥିପାଇଁ ଆଲ୍ଲାଙ୍କ ଛବି ସେ ଚଳଚ୍ଚିତ୍ରରେ ଦେଖାଇନାହାନ୍ତି ।

ଚଳଚ୍ଚିତ୍ରରେ ଶିବଙ୍କ ଅନୁଧାବନ କରୁଥିବା ନାୟକ ଯଦି ଶିବରୂପୀ ମନୁଷ୍ୟକୁ ଭଗବାନ ବୋଲି ଭାବି ତା ପଛରେ ଧାଉଁଥିଲା ତା ହେଲେ ଏହା ମାତ୍ର ସାଙ୍କେତିକ ହୋଇପାରେ । ଅବଶ୍ୟ ଏହା ବି ଯୁକ୍ତି କରାଯାଇପାରେ ଯେ ଯେଉଁ ନାୟକ ମନୁଷ୍ୟକୁ ଛୁଇଁଦେଇ ତା'ର ବିଗତଭବିଷ୍ୟତ ସବୁ ଜାଣିଦେଇ ପାରୁଛି ସେ କଣ ଭଗବାନ ବେଶରେ ଜଣେ ମନୁଷ୍ୟଥିବା କଥା ଜାଣିପାରିବ ନାହିଁ ?

ଚଳଚ୍ଚିତ୍ରରେ ନାୟକ କେବଳ ହିନ୍ଦୁବାବା ମାନଙ୍କୁ ଆକ୍ଷେପ କରୁଛି, ବସ୍ତୁତଃ ଦେଖିବାକୁ ଗଲେ ଏହି ଚଳଚ୍ଚିତ୍ରରେ ନାୟକ କେବଳ ସେହିମାନଙ୍କୁ ଦୋଷୀବୋଲି ଆକ୍ଷେପ କରୁଛି ଯେଉଁମାନେ ନିଜକୁ ଭଗବାନ ବୋଲି କୁହାଉଛନ୍ତି । ଏଣୁ ଭାରତପରି ଏକ ବିଶାଳ ଦେଶରେ ହିନ୍ଦୁ ଧର୍ମର ଗରିଷ୍ଠତା ଦୃଷ୍ଟିରୁ ଏହା ହୋଇପାରେ, କିମ୍ବା ଅନ୍ୟପ୍ରକାରରେ ଚିନ୍ତା କଲେ, କୌଣସି ମୁସଲମାନ ମୌଲବୀ ନିଜକୁ କେବେ ବି ଭଗବାନ ବୋଲି ପ୍ରଚାର କରନ୍ତି ନାହିଁ, ସେମାନେ କେବଳ ପବିତ୍ର କୋରାନରେ ଲିଖିତ ବାଣୀକୁ ପ୍ରଚାର କରନ୍ତି ।

ନାୟକ ଏକ ସମୟରେ କହୁଛି ଯେ ଯିଏ ଡରେ ସେ ମନ୍ଦିର ଯାଏ । ଏଥିରେ ଦ୍ୱିମତ ନାହିଁ । ଅବଶ୍ୟ ମନ୍ଦିର ଯିବାପାଇଁ କେବଳ ଭୟ ହିଁ ଏକ କାରଣ ନାହିଁ । ଅନେକ ଭକ୍ତ ଭକ୍ତି ପାଇଁ ମଧ୍ୟ ମନ୍ଦିର ଯାଆନ୍ତି । ଅନେକ ଭକ୍ତ ସୋମବାର ସକାଳୁ ଶିବମନ୍ଦିର ଯାଉଥିବା ବେଳେ ମଙ୍ଗଳବାର ଦିନ ଠାକୁରାଣୀ ମନ୍ଦିରରେ ଭିଡ଼ ଦେଖିବାକୁ ମିଳିଥାଏ । ଏପରି ପ୍ରାୟ ପ୍ରତ୍ୟେକ ଦିନ କୌଣସି ନା କୌଣସି ମନ୍ଦିରରେ ଭିଡ଼ ହୁଏ, ଏହାର ଅର୍ଥ ନୁହେଁ ଯେ ସମସ୍ତେ କେବଳ ଡରରେ ହିଁ ମନ୍ଦିର ଯାଆନ୍ତି । ଶ୍ରଦ୍ଧା ଓ ଭକ୍ତିରେ ମଧ୍ୟ ଅନେକ ଲୋକମନ୍ଦିର ଯାଆନ୍ତି । ଏହା ଚଳଚ୍ଚିତ୍ରର ଏକ ସଂଳାପ ମାତ୍ର । ଏହାକୁ ଅକ୍ଷରେ ଅକ୍ଷରେ ଗ୍ରହଣ କରିବା ଉଚିତ ହେବନାହିଁ । ଏଠାରେ ମନ୍ଦିର ଶବ୍ଦର ଉଚ୍ଚାରଣ ଅନେକଙ୍କୁ ଆପତ୍ତିଜନକ ଲାଗିଲା । କେହି କେହି କହିଲେ ମସ୍‌ଜିଦ ଆଉ ଗୀର୍ଜାଘର କଥା କାହିଁକି କୁହାଗଲାନି । ସେମାନଙ୍କ ଗୋଚରାର୍ଥେ ଜଣାଇ ଦେଉଛି ଯେ ମନ୍ଦିର ଏକ ବ୍ୟାପକ ଶବ୍ଦ ଯାହା ଭିତରେ ମସ୍‌ଜିଦ ଓ ଗୀର୍ଜାଘର ବି ଆସେ । ଯେମିତି ମାନବ ଜାତି କହିଲେ ଉଭୟ ପୁରୁଷ ଓ ସ୍ତ୍ରୀ ବୋଲି ବୁଝାଏ, ସେପରି ମନ୍ଦିର କହିଲେ ପୂଜାସ୍ଥଳ ବୋଲି ବୁଝାଏ, ତାହା ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିୟାନ ସମସ୍ତଙ୍କ ପୂଜାସ୍ଥଳକୁ ବୁଝାଏ । ଅନେକ ପାଠକ ହୁଏତ ଜାଣିନଥିବେ ଯେ ସ୍ୱୟଂ ଅମୀର ଖାନ ହଜ ଯାତ୍ରାରେ ଯାଇ ଆସିଛନ୍ତି । ତା'ର ମାନେ କଣ ସେ ବି ଡର କିମ୍ବା ଭୟ ହେତୁ ଯାଇଥିଲେ କି ? ଏହା କେବଳ ଏକ ସଂଳାପ, ଏହାକୁ ବ୍ୟାଖ୍ୟା ନ କରି କେବଳ ହିନ୍ଦୁଙ୍କ ମନ୍ଦିର ବିଷୟରେ କୁହାଯାଇଛି ବୋଲି ବିବେଚନା କରିବା ଅନୁଚିତ ହେବ ।

ଚଳଚ୍ଚିତ୍ରରେ ନିର୍ମାତା ଜଣାଇବାକୁ ଚାହିଁଛନ୍ତି ଯେ ଆମେ ଭଗବାନଙ୍କ ଉପରେ ଆସ୍ଥା ରଖିବା ଉଚିତ, ଯେ ଆମ ସମସ୍ତଙ୍କୁ ଜନ୍ମ କରିଛନ୍ତି, ଆଉ ଯେଉଁମାନଙ୍କୁ ଆମେ ଭଗବାନ ବୋଲି କହୁଛେ ସେମାନଙ୍କୁ ଅନ୍ଧଭାବରେ ବିଶ୍ୱାସ କରିବା ଅନୁଚିତ । ଏହା ଏକ ସମ୍ପୂର୍ଣ୍ଣଭାବରେ ସତ୍ୟ କଥା । ନିଜକୁ ଭଗବାନ କୁହାଇ ଲୋକଙ୍କୁ ଲୁଟୁଥିବା ସ୍ୱେରଖଣ୍ଟମାନଙ୍କ ଉପରେ ବିଶ୍ୱାସ କରିବା ଅନୁଚିତ ।

ଚଳଚ୍ଚିତ୍ରଟି ମୋଟାମୋଟି ଭାବରେ ଆପଣଙ୍କ ମନୋରଞ୍ଜନ କରିବା ସହିତ ଏକ ବାଣୀ ପ୍ରଦାନ କରୁଛି, ତେଣୁ ଏହାକୁ ବିରୋଧ କରିବା ଅନୁଚିତ । ଯେଉଁ କେତୋଟି ଜିନିଷ ଆପତ୍ତି ଜନକ ଲାଗୁଛି ତାହା ବିଷୟରେ ସର୍ବସାଧାରଣରେ ଚର୍ଚ୍ଚା କରିବା ଉଚିତ ହେବ ।

ଆହ୍ୱାନର ଆଗାମୀ ସଂସ୍କରଣ ଫେବୃଆରୀ ମାସରେ ପ୍ରକାଶିତ ହେବ । ନିଜ ଦ୍ୱାରା ଲିଖିତ କବିତା ଓ କାହାଣୀ ଶୀଘ୍ର ଆମ ନିକଟକୁ ପଠାନ୍ତୁ ।

ଆପଣଙ୍କ ଲିଖିତ କବିତା, କାହାଣୀ, ଭ୍ରମଣ କାହାଣୀ, ଶିଶୁକଥା, ଜୀବନ କଥା, ଇତିହାସ, ରେସିପି, ଘରକରଣା, ସ୍ୱାସ୍ଥ୍ୟ, ବ୍ୟଙ୍ଗ ଇତ୍ୟାଦି ଆପଣ ଇ-ମେଲ୍ ଦ୍ୱାରା ଆମ ନିକଟକୁ ପଠାଇ ପାରିବେ ।

ଆମ ଇ-ମେଲ୍ ଠିକଣା :

# aahwaan@gmail.com

<u>ଚିଠି ମାଧ୍ୟମରେ ଲେଖା ପ୍ରେରଣ କରିବା ଠିକଣା</u>

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ସମ୍ପାଦକ, 'ଆହ୍ୱାନ ଇ-ପତ୍ରିକା'

ବୀମାନଗର, ୨ୟ ଗଳି, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା
ଫୋନ : ୯୦୪୦୯୮୫୪୬୩ / ୯୮୬୧୯୭୨୧୬୦

ଆହ୍ୱାନ ଇ-ପତ୍ରିକା ଓଡ଼ିଶାରୁ ପ୍ରକାଶିତ ପ୍ରଥମ ଏବଂ ଏକମାତ୍ର ସଂପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ସାହିତ୍ୟ ଇ-ପତ୍ରିକା । ଏହା ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ପ୍ରକାଶିତ ହୋଇଥାଏ । ବେଳେ ବେଳେ ପୂଜା ପର୍ବପର୍ବାଣୀ ସମୟରେ ସମୟୋପଯୋଗୀ ବିଶେଷ ସଂସ୍କରଣମାନ ମଧ୍ୟ ପ୍ରକାଶିତ ହୁଏ । ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ଯଥା, ଗଳ୍ପ, କବିତା, ପ୍ରବନ୍ଧ, ରମ୍ୟ ରଚନା, ଶିଶୁ ରଚନା, ଭ୍ରମଣ କାହାଣୀ ଇତ୍ୟାଦି ଏଥିରେ ପ୍ରକାଶିତ ହୁଏ ।

ଏହି ପତ୍ରିକାରେ ଲେଖା ପ୍ରକାଶିତ କରିବା ପାଇଁ ନୂଆ ଓ ପୁରୁଣା ଉଭୟ ସାହିତ୍ୟିକାରଙ୍କୁ ପ୍ରୋତ୍ସାହନ ଦିଆଯାଇଥାଏ । ଯେହେତୁ ଏହି ପତ୍ରିକା ନିଃଶୁଳ୍କ ବିତରଣ ନିମିତ୍ତ ଉଦ୍ଦିଷ୍ଟ ତେଣୁ ଲେଖକ, ଲେଖିକାମାନଙ୍କୁ କୌଣସି ପ୍ରକାରର ପ୍ରୋତ୍ସାହନ ରାଶି ଦିଆଯାଏ ନାହିଁ । ପାରିଶ୍ରମିକ ଆଶା କରୁଥିବା ଲେଖକ ଲେଖିକାମାନେ ନିଜ ଲେଖା ବ୍ୟବସାୟିକ ପତ୍ରପତ୍ରିକାକୁ ପଠାଇ ପାରିବେ ।

ଏହି ପତ୍ରିକା ପ୍ରତ୍ୟେକ ମାସରେ ଇଣ୍ଟରନେଟ୍‌ରେ ନିଃଶୁଳ୍କ ପଢ଼ିବା ପାଇଁ ଉପଲବ୍ଧ ହୋଇଥାଏ । ପାଠକ ଚାହିଁଲେ ଏହି ପତ୍ରିକାର ଗୋଟିଏ ପ୍ରତିଲିପି ନିଜ କଂପ୍ୟୁଟରରେ ଡ଼ାଉନ୍‌ଲୋଡ୍ କରି ପାରିବେ ।

ଲେଖକ ଲେଖିକାମାନେ ନିଜ କୃତି ଆମ ନିକଟକୁ ଡ଼ାକଦ୍ୱାରା କିମ୍ବା ଇ-ମେଲ୍ ଦ୍ୱାରା ପଠାଇପାରିବେ । ଡ଼ାକ ଦ୍ୱାରା ପଠାଉଥିଲେ ନିଜ ଲେଖାକୁ ଧଳା କାଗଜର ଗୋଟିଏ ପାର୍ଶ୍ୱରେ ନିର୍ଭୁଲ ହସ୍ତାକ୍ଷରରେ ଲେଖି ପଠାନ୍ତୁ, କିମ୍ବା ଟାଇପ୍ କରି ମଧ୍ୟ ପଠାନ୍ତୁ । ଇ-ମେଲ୍ ଦ୍ୱାରା ପଠାଉଥିଲେ ଲେଖାକୁ ଲେଖି ସାରିବା ପରେ ସ୍କାନିଂ କରି ଆମ ଇ-ମେଲ୍ ଠିକଣାରେ ପଠାନ୍ତୁ ।

ଆହ୍ୱାନର ପ୍ରକାଶନ ସଂପୂର୍ଣ୍ଣ ପରିବେଶ ଅନୁକୂଳ, କାରଣ ଏହାଦ୍ୱାରା କାଗଜର ବ୍ୟବହାର କମ ହୋଇଥାଏ, ଯେଉଁଥିପାଇଁ ଗଛ କାଟିବାକୁ ପଡ଼େନାହିଁ । ଆମେ ପରିବେଶ ପ୍ରଦୁଷଣ ବିରୋଧ କରୁ ।

ଆହ୍ୱାନ ଇ-ପତ୍ରିକାରେ ଲେଖା ପ୍ରକାଶିତ କରିବାପାଇଁ ଯଦି ଆପଣ ଇଚ୍ଛୁକ ତେବେ ନିଜ ଲିଖିତ କୃତିକୁ ଆପଣ ଆମ ନିକଟକୁ ପଠାନ୍ତୁ । ଯେହେତୁ ଏହି ପତ୍ରିକା ଇଣ୍ଟରନେଟରେ ପ୍ରକାଶିତ ହୁଏ ଏବଂ ପ୍ରତ୍ୟେକ ମାସରେ ଶହସ୍ରାଧିକ ଓଡ଼ିଆଙ୍କ କମ୍ପ୍ୟୁଟରରେ ଶୋଭାପାଏ ତେଣୁ ଏହି ପତ୍ରିକାପାଇଁ ଲେଖା ମଧ୍ୟ ଇଣ୍ଟର୍‌ନେଟ ମାଧ୍ୟମରେ ହିଁ ଗ୍ରହଣ କରାଯାଏ । ଯଦି ଆପଣ ଇ-ମେଲ୍ ଦ୍ୱାରା ଆମ ନିକଟକୁ

ଲେଖା ପଠାଇ ପାରିବେ ନାହିଁ, ତେବେ ଆପଣ ନିଜ ଲେଖା ଧଳା କାଗଜରେ ଗୋଟିଏ ପାର୍ଶ୍ୱରେ ନିର୍ମଳ ହସ୍ତାକ୍ଷରରେ ଲେଖି ଆମ ନିକଟକୁ ନିମ୍ନ ଠିକଣାରେ ପଠାଇ ପାରିବେ ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ବୀମା ନଗର - ୨ୟ ଗଳି

ଆମ୍ବପୁଆ, ବ୍ରହ୍ମପୁର - ୭୬୦୦୧୦

ଓଡ଼ିଶା, ଫୋନ୍: ୯୦୪୦୯୮୫୪୬୩ / ୯୮୬୧୯୬୨୧୬୦

ଯଦି ଆପଣ ଇଣ୍ଟର୍‌ନେଟ୍ ମାଧ୍ୟମରେ ଲେଖା ପଠାଇବାକୁ ଚାହାନ୍ତି ତେବେ ନିଜ ଲେଖାକୁ ଟାଇପ୍ (ଓଡ଼ିଆ ୟୁନିକୋଡ୍ ଫଣ୍ଟରେ ଟାଇପ୍ କରିବେ ଯଥା ଅପ୍ରାନ୍ତ ଓଡ଼ିଆ / ଗୁଗୁଲ୍ ଓଡ଼ିଆ ଟ୍ରାନ୍‌ସ୍‌ଲିଟେରେସନ୍) କରି Microsoft Word Document ରେ ଆମ ନିକଟକୁ ପଠାନ୍ତୁ, କିମ୍ବା ଲେଖାକୁ ସ୍କାନ୍ କରି ଜେପିଇଜି ଫର୍ମାଟରେ ଇମେଲ୍ Attachment କରି ପଠାନ୍ତୁ । ଆମ ଇ-ମେଲ୍ ଠିକଣା ହେଲା - aahwaan@gmail.com

ଏହି ପତ୍ରିକା ଉନ୍ନତି ହେତୁ ଆପଣଙ୍କ ସହାୟତା ଆମର ଏକାନ୍ତ କାମ୍ୟ ।

ଧନ୍ୟବାଦ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା-ସମ୍ପାଦକ, 'ଆହ୍ୱାନ'

# ଜୟ ଓଡ଼ିଆ । ଜୟ ଓଡ଼ିଶା । ଜୟ ଜଗନ୍ନାଥ

ଯଦି ଏହି ସଂସ୍କରଣରେ କୌଣସି ତ୍ରୁଟିଥାଏ ତାହେଲେ ସେଥିପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।